(ଏ ଅଟେ ବ୍ରହ୍ମଜ୍ଞାନ ସାର ।) (ଯୋଗାଦି ଭବ ଦୁସ୍ତର ॥)

କବି ଶ୍ରୀ ଲକ୍ଷ୍ମୀନାରାୟଣ

ରଚନ୍ତି ଏ

କଳ୍କି ପୁରାଣ ।

ଦିବ୍ୟ ଚରିତ

ଏହୁ ଗ୍ରନ୍ଥ ।

ଉତ୍କଳ ନବ୍ୟ ଅଧ୍ୟାୟ ॥

ଶ୍ରୀ ସଦାଶିବପଟ୍ଟନାୟକ କର୍ତ୍ତୃକ

ପ୍ରଥମବାର ପ୍ରକାଶିତ ।

Printed by S. Ray
EDWARD PRESS.
Cuttack.
1907.

ସମ୍ପ୍ରୋକ୍ତ ପଦେ ଏ ରଚନ । ଦଶମ ଅଧ୍ୟାୟେ ସମ୍ପୂର୍ଣ୍ଣ ॥

ଉତ୍କର୍ଷ ସାଧୁଜନେ ଜଣା । } ଅଟଇ ମୂଲ୍ୟ ଚାରିଅଣା ॥

(ସତ୍ପାଠକଙ୍କ ହୃଦେ ।) (ଲେଖିଲ ଲେଖା ଶୁଦ୍ଧବୋଧେ ।)

Digitized by PPRACHIN, SOA

ଓଁ ଗୁରୁଭ୍ୟୋ ନମଃ ।

ଅଥ-ଗ୍ରନ୍ଥାରମ୍ଭ-ସୂଚନା ।

—:○✻○:—

ଶ୍ଳୋକଃ ।

ଖର୍ବଂ ସ୍ଥୂଲତନୁଂ ଗଜେନ୍ଦ୍ରବଦନଂ ଲମ୍ବୋଦରଂ ସୁନ୍ଦରଂ ।
ପଣ୍ଡାନ୍ତମୁକ୍ତଗନ୍ଧଲୁବ୍ଧମଧୁପଂ ବ୍ୟାଲୋଲଗଣ୍ଡସ୍ଥଳଂ ।
ଦନ୍ତାଘାତ ବଦାରତା ଗିତ୍ୱକର୍ତ୍ତି ସିନ୍ଦୂରେ ଶୋଭାକରଂ ।
ବନ୍ଦେ ଶୈଳସୁତାସୁତଂ ଗଣପତିଂ ସିଦ୍ଧିପ୍ରଦଂ କାମଦଂ ।

ଗଜେନ୍ଦ୍ରବଦନ ମୂରତି । ପାଦେ ମୋ ଅଶେଷ ପ୍ରଣତି । ୧ ।
ସେ ଦେବ ପାଦେ ରଖି ମନ । ରଚଇ ଏ କଳ୍ପିପୁରାଣ । ୨ ।
ଦିବ୍ୟ ଚରିତ ଏହୁ ରସ । ଶ୍ରବଣେ ପାପ ହେବ ନାଶ । ୩ ।
ଶ୍ରୀହରି ଅର୍ଜୁନ ସମ୍ବାଦ । ଶୁଣିଲେ ନ ଘଟେ ପ୍ରମାଦ । ୪ ।
ଗୀତା ପଠନେ ଯେବେ ମର୍ମ । ଫିଟିବ ବୁଝି ସର୍ବ ଭ୍ରମ । ୫ ।
ବ୍ରହ୍ମଜ୍ଞାନରେ ଏ ପୂରିତ । ଦଶ ଅଧ୍ୟାୟେ ସମାପତ । ୬ ।
ଏ ସର୍ବ ଶାସ୍ତ୍ର ମୂଳବୀଜ । ମିଶ୍ରିତେ ହେବେ ବୃକ୍ଷରାଜ । ୭ ।
ମୁ ମୂର୍ଖ ନ ଜାଣଇ କିଛୁ । ଭାବ ଏ ଗ୍ରନ୍ଥକୁ ରଚିଛୁ । ୮ ।
ସାଧୁଙ୍କ ଉପଦେଶ ନେଲି । ବହୁତ କ୍ଲେଶ ସହ୍ୟ କଲି । ୯ ।
ନାବାଜି ଲଛମନ ଦାସ । ସେ ଜ୍ଞାନଗୁରୁ ମୁହିଁ ଶିଷ୍ୟ । ୧୦ ।
ସମସ୍ତ ଗୋଚରାର୍ଥେ ଗୀତେ । ଲେଖିଲି ଭାଷା ଭାଗବତେ । ୧୧ ।
[illegible]ବା ଥାଏ ଭ୍ରମକାହିଁ । ଶୁଦ୍ଧ କରିବ ଦୟା ବହି । ୧୨ ।
ସୁଲଭ ମୂଲ୍ୟ ଛନଅଣା । ବାର କଳାରେ ବକା ଛପା । ୧୩ ।
ଜଗତେ ପରଚିତେ ଶ୍ରମ । ସଫଳ ହେବ ମୋର କର୍ମ । ୧୪ ।
ଭକ୍ତ ସନ୍ମୁଖେ ଭକ୍ତେ ଯେନ । କହନ୍ତି ଲକ୍ଷ୍ମୀ ନାରାୟଣ । ୧୫ ।

—:○:✻:○:—

Digitized by PPRACHIN, SOA

କଳ୍କି ପୁରାଣ ।

ଶ୍ଳୋକଃ ।

ଗୋଲୋକନାଥଂ ଦେବେଶଂ ଇନ୍ଦୀରା-ପ୍ରାଣବଲ୍ଲଭଂ ।
ଦୀନନାଥଂ ଦୀନବନ୍ଧୁଂ ସର୍ବେଶ୍ୱରଂ ନମସ୍ତୁ ତେ । ୧ ।
ଗୋପେଶଂ ଗୋସମୂହେଶଂ ନନ୍ଦ ଯଶୋଦା ବର୍ଦ୍ଧନଂ ।
ନନ୍ଦାତ୍ମଜଂ ସଦାନନ୍ଦଂ ନିତ୍ୟାନନ୍ଦଂ ନମସ୍ତୁ ତେ । ୨ ।
ଅଣିମାଦିକସିଦ୍ଧୀଶଂ ସିଦ୍ଧିସିଦ୍ଧଂ ପ୍ରତୋଷକ ।
ବ୍ରହ୍ମସ୍ୱରୂପଂ ବ୍ରହ୍ମଣ୍ୟଂ ବ୍ରହ୍ମବୀଜଂ ନମସ୍ତୁ ତେ । ୩ ।

ଜୟ ଶ୍ରୀ କମଳାରମଣ । ଜୟ ଶ୍ରୀ ଦୁରିତଧ୍ୱଂସନ । ୧ ।
ଜୟ ଶ୍ରୀ ପ୍ରଲମ୍ବଅରରୀ । ଜୟ ଶ୍ରୀ ମଧୁକୈଟଭାରୀ । ୨ ।
ଜୟ ଅନନ୍ତ ବାସୁଦେବ । କଂସାରୀ ମାଧବ ଯାଦବ । ୩ ।
ପୁଣ୍ଡରୀକାକ୍ଷ ଜନାର୍ଦ୍ଦନ । ଭୋ ବିଭୁ ଶ୍ରୀ ମଧୁସୂଦନ । ୪ ।
କର ତାରଣ ଜୀବଗ୍ରାହ୍ମ । ପୁଣ୍ଡରୀକାକ୍ଷ ରମାସାଇଁ । ୫ ।
ହେ ପ୍ରଭୁ କରୁଣାସାଗର । ଏ ଭବଅର୍ଣ୍ଣବୁଁ ଉଦ୍ଧର । ୬ ।
ତୁମ୍ଭର ନାମେ ବାନ୍ଧି ନାବ । ଜନେ ତରନ୍ତି ଏହା ଧ୍ରୁବ । ୭ ।
ଜୟ [illegible] ସିଦ୍ଧ ଯୋଗେଶ୍ୱରଙ୍କ । ଅଣିମାପଦରେ ଈଶ୍ୱର । ୮ ।
ଜନ୍ମ ମୃତ୍ୟୁ ଚକ୍ରବଳେ । ସଂସାର ଚଳଇ ନିଶ୍ଚଳେ । ୯ ।
ଯୋଗସାଧନ ଅବକର । ତୋ ମାୟା-ଜାଲୁ ଯାନ୍ତି ତର । ୧୦ ।
ସିଦ୍ଧ ଯୋଗୀନ୍ଦ୍ର ମୁନିଜନେ । ନିତ୍ୟେ ଧ୍ୟାଅନ୍ତି ଶ୍ରୀଚରଣେ । ୧୧ ।
ବ୍ରହ୍ମାଦି କେଶ ସଦ୍ୟ କର । କାଳ କ୍ଷେପନ୍ତି ବ୍ରହ୍ମଚାରୀ । ୧୨ ।

Digitized by PPRACHIN, SOA

ଅସନ ସିଦ୍ଧିର ନିଶ୍ଚଳେ । ଦ୍ୱାଦଶାସନ ଭୂମଣ୍ଡଳେ । ୧୩ ।
କେହୁ ବା ଊର୍ଦ୍ଧ୍ୱ ହସ୍ତ କର । କେ ଉଭା ଗୋବିନ୍ଦ ସୁମର । ୧୪
କେ ବସି ବହ୍ନି ଅଙ୍କଦେଶେ । ସ୍ଥାପି ପରମାନନ୍ଦେ ଯୋଷେ । ୧୫ ।
ନବଦ୍ୱାରକୁ ରୁଦ୍ଧ କରି । ବ୍ରହ୍ମ ରନ୍ଧ୍ରେ ବାୟୁ ଧରି । ୧୬
ନିର୍ଗୁଣେ କରନ୍ତି ଭଜନ । ଅଷ୍ଟାଙ୍ଗଯୋଗେ ହୋଇ ଲୀନ । ୧୭
ଇନ୍ଦ୍ରିୟ ରସ୍ତୁ ଆଦି ନାଶି । ମନେ ସ୍ମରନ୍ତି ବ୍ରହ୍ମରାଶି । ୧୮ ।
ନିର୍ଣ୍ଣୟ କର ଷଡ଼ଚକ୍ର । ଆଗୁରେ ନ କରାଇ ବକ୍ର । ୧୯ ।
ପିଙ୍ଗଳା ଶୁଷୁମ୍ନା ଆଦି । ଯେ ଯେଉଁ କାରଣ ପ୍ରସିଦ୍ଧି । ୨୦ ।
ଜୀବ ପରମ ଯୋଗକର । ସିଦ୍ଧିର ନିଗମେ ବିସ୍ତାର । ୨୧ ।
ମେରୁଦଣ୍ଡର ଦକ୍ଷିଣରେ । ପିଅଁଳା ନାମେ ବାସ କରେ । ୨୨ ।
ଦକ୍ଷିଣଦିଗେ ଅଧିକାରୀ । ଭାସ୍କର କାନ୍ତିକୁ ବିସ୍ତାରି ୨୩ ।
ବାମେ ଇଡ଼ିଂଳା ନାମେ ସ୍ଥିତ । ଶୁଷୁମ୍ନା ଅଟେ ମଧ୍ୟଗତ ୨୪ ।
ଶୁଷୁମ୍ନା ମଧ୍ୟେ ବଜ୍ର ଶୋଭେ । ତନ୍ମଧ୍ୟେ ବ୍ରହ୍ମନାଡୀ ରହେ । ୨୫ ।
ତହିଁରେ ବ୍ରହ୍ମା ବିଷ୍ଣୁ ହର । ଆନନ୍ଦେ କରନ୍ତି ବିହାର । ୨୬ ।
ପୁଣି ତନ୍ମଧ୍ୟେ ବ୍ରହ୍ମଦ୍ୱାର । ସୁଧା କ୍ଷରଇ ନିରନ୍ତର । ୨୭ ।
ଶଙ୍ଖିନୀ ଶିରୋଦେଶେ ବିଜେ । ସହସ୍ର ଦଳ ପଦ୍ମରାଜେ । ୨୮ ।
ପ୍ରକୃତି ପୁରୁଷ ମନ୍ଦିର । ଆଗୁ ବିରାଜେ ତ୍ରିକୋଣର । ୨୯ ।
କୁଣ୍ଡଳଦେବୀ ଅଧିଷ୍ଠିତ । ହଂସାକ୍ଷ ବ୍ରହ୍ମ ନାମେ ଖ୍ୟାତ । ୩୦ ।
ଲଲାଟେ ଦ୍ୱିଦଳ ସରୋଜ । ଆଜ୍ଞା ନାମରେ ଚନ୍ଦ୍ର ତେଜ । ୩୧ ।
ହାକିନୀ ଦେବୀ ଅଧିଷ୍ଠିତ । କର୍ଣ୍ଣିକା ଯୋନୀରୂପ ସ୍ଥିତ । ୩୨ ।
ତନ୍ମଧ୍ୟେ ଶିବଲିଙ୍ଗ ଶୋଭେ । ଡମ୍ବରୁ ମକାରକୁ ଧାଏ । ୩୩ ।
ହ କ୍ଷ ଅକ୍ଷର ପଦ୍ମଦଳେ । ପରମାନନ୍ଦେ ତନ୍ତ୍ର ହେଲେ । ୩୪ ।
ଷୋଡଶ ଦଳ କଣ୍ଠେ ସ୍ଥିତ । ବିଶୁଦ୍ଧ ନାମରେ ବିଦିତ । ୩୫ ।
ଚନ୍ଦ୍ରମଣ୍ଡଳ ଶିବ ଶିବା । ଶାକିନୀଦେବୀଙ୍କ ପ୍ରଭବା । ୩୬ ।
ଅଟଇ ସେ ଦଳ ମଧ୍ୟରେ । ଅକାର ପୂର୍ଣ୍ଣ ସର୍ବସ୍ୱରେ । ୩୭ ।

Digitized by PPRACHIN, SOA

ଦ୍ୱାଦଶ ଦଳ ହୃଦୟରେ । ଯେ ଅନାହତ ଚକ୍ରେ ଥିରେ । ୩୮ ।
ବାୟୁମଣ୍ଡଳ ଧୂମ୍ରବର୍ଣ୍ଣ । ପଦ୍ମପୂରତ ଷଟ୍‌କୋଣ । ୩୯ ।
କାକିନୀଦେବୀ ବିରାଜିତ । ମୁଣ୍ଡମାଳ ଚତୁରହସ୍ତ । ୪୦ ।
ତ୍ରିନେତ୍ର ଶକ୍ତ୍ୟଂ ତଥା ଆନ୍ତି । କଲ୍ୟାଣ ରୂପେ ବର ଦ୍ୟନ୍ତି । ୪୧
କ ଠାରୁ ଠ ପର୍ଯ୍ୟନ୍ତ ଦଳେ । ବିରାଜି ଆତ୍ମାର କୁଶଳେ । ୪୨ ।
ନାଭି ଯେ ମଣିପୁର ନାମେ । ସେ କଣ୍ଠ ପୂର୍ଣ୍ଣ ଦଶଧାମେ । ୪୩ ।
ତ୍ରିକୋଣ ବାହାରେ ତିଦ୍ୱାର । ଅଗ୍ନିମଣ୍ଡଳ ତହୁଁ ସ୍ଥିର । ୪୪ ।
ସବକ୍ରେ ନୀଳବର୍ଣ୍ଣ କୋପି । ରୁଦ୍ର ବସନ୍ତି କାଳରୂପୀ । ୪୫ ।
ଶୂଳ ଖଡ଼ଗ ଶୋଭେ ହସ୍ତ । ଲାକିନୀ ଦେବୀ ଅଧିଷ୍ଠିତ । ୪୬ ।
ଡ ଠାରୁ ଫ ପର୍ଯ୍ୟନ୍ତ ଦଳେ । ପରମେ ଚନ୍ଦ୍ରର କଣ୍ଠଳେ । ୪୭ ।
କଟି ସରୋଜ ଷଡଦଳ । ବର୍ଣ୍ଣରେ ଯଥା ନୀଳୋତ୍ପଳ । ୪୮ ।
ମେଂ ଚକ୍ର ସ୍ୱାଧିଷ୍ଠାନ ନାମେ । ବରୁଣ ଚକ୍ର ବସ୍ତୁ ଧାମେ । ୪୯ ।
ରାକିନୀ ଶକ୍ତିଦଳ କୋଣେ । ବ ଠାରୁ ଲ ପର୍ଯ୍ୟନ୍ତ ଗଣେ । ୫୦ ।
ଗୁହ୍ୟରେ ଶୋଭେ ମୂଳାଧାର । ଚତୁର ଦଳ ସେ ଚକ୍ରେ ସ୍ଥିର । ୫୧ ।
ତ୍ରିପୁର ନାମରେ ତ୍ରିକୋଣ । ତଥା କନ୍ଦର୍ପ ବାସସ୍ଥାନ । ୫୨ ।
କୋଟିଏ ସୂର୍ଯ୍ୟ ଜିଣି କାନ୍ତି । ଶିଶୁରୂପରେ ବ୍ରହ୍ମା ଥାନ୍ତି । ୫୩ ।
ବାମବ ଅଙ୍କେ ବିରାଜିତ । ଶିବ ଅନନ୍ତ ନମ୍ରେ ନତ । ୫୪ ।
ଭୁଜ କୁଣ୍ଡଳୀ ଅହି ରୂପେ । ବ୍ରହ୍ମଦ୍ୱାରକୁ ମୁଖେ ଗୁପେ । ୫୫ ।
ଅନ୍ତର ଚତୁର୍ହସ୍ତାଦେବୀ । ବ ଶ ଷ ସ ମାନସେ ଭାବ । ୫୬ ।
ଏ ଚକ୍ର ଭେଦି ମୁନିଜନେ । ଅଧାରୁ ଚଢ଼ି ଶିର ସ୍ଥାନେ । ୫୭ ।
ବ୍ରହ୍ମନାଡ଼ିର ମଧ୍ୟଦେଶ । ବଙ୍କୁନାଳର ମଧ୍ୟେ ଯାଇ । ୫୮ ।
ଊନପଞ୍ଚାଶ ବାୟୁ ସଙ୍ଗେ । ରଣ ଅଟର ନାହାରଙ୍ଗେ । ୫୯ ।
ଚୌଷଠି ରୋଗ ବେଗେ ଜିଣି । ପ୍ରକୃତ ପଞ୍ଚମନେ ଗଣି । ୬୦ ।
ତାହାଙ୍କୁ ବେଗେ ନାଶ କରି । ଚନ୍ଦନ ଅର୍ଗଳରେ ଭରି । ୬୧ ।
ଆଜ୍ଞା ପଦ୍ମର ଶିରୋପରି । ସହସ୍ରଦଳେ ଅଧିକାରୀ । ୬୨ ।

Digitized by PPRACHIN, SOA

ଜୀବ ପରମ ତୁଲ କର । ପ୍ରଥମେ ସାଧିବ ଏପର । ୬୩ ।
ଅନ୍ନ ତ୍ୟକ୍ତରେ ଫଳଭୋଗୀ । ଫଳାନ୍ତେ ପତ୍ର ଅନୁରାଗୀ । ୬୪ ।
ପତ୍ରାନ୍ତେ ଜଳକୁ ପିଇବ । ସର୍ବ ତ୍ୟକ୍ତରେ ବାୟୁ ଭୋଗ । ୬୫
ବାୟୁକୁ ସାଧି ନାନାରୂପେ । ନାଭିଚକ୍ରର ମଧ୍ୟେ ସ୍ଥାପେ । ୬୬ ।
ସହସ୍ରଦଳେ କ୍ରମେ ତୁଲ । କର ଚନ୍ଦ୍ରଲେ ଆଦିମୂଳ । ୬୭ ।
ସର୍ବ ବେଦନା ଦୂର ହୋଇ । ବୈକୁଣ୍ଠସଦନ ଲଭଇ । ୬୮ ।
ନୋହିବ ଯମର ଆୟତ୍ତ । ତତ୍ତ୍ୱେ ଚନ୍ଦ୍ରଲେ ରମାକାନ୍ତ । ୬୯ ।
ସତ୍ୟ ଶାନ୍ତ ଯେ ଦୟା କ୍ଷମା । ପ୍ରସିଦ୍ଧ ବଷ୍ଟୁର ମହିମା । ୭୦ ।
ସେ ଧର୍ମେ ହୋଇଲେ ପଥର । ଅତେକ୍ଲେଶ ତ୍ରିବ ସେ ପଥର । ୭୧ ।
କରଇ ବେଦ ସାଦ୍ଧ କର୍ମ । ପାଳଇ ଯେନ୍ହ ଏହି ଧର୍ମ । ୭୨ ।
ଯୋଗ କରଇ କର୍ମ ସଙ୍ଗେ । କୃଷ୍ଣ ଭଜନେ ନାନା ରଙ୍ଗେ । ୭୩ ।
ସେ ନରେ ଯମ ଭୟ ନାହିଁ । ବାସନା ମାତ୍ର ଫଳ ପାଇ । ୭୪ ।
ଯୋଗଟି ଯୋଗାଙ୍ଗ ବୋଲାଇ । କର୍ମଟି ଭୋଗାଙ୍ଗରେ ଯାଇ । ୭୫ ।
ସପ୍ତାଙ୍ଗ ଅଷ୍ଟାଙ୍ଗର ମତ । ତାରଣ ଏକମାତ୍ର ପଥ । ୭୬ ।
ବେଦାନ୍ତ ମତେ ଛନ୍ତି କହି । ପଞ୍ଚଭୂତେ ସୃଷ୍ଟି ଚଳଇ । ୭୭ ।
ସେ ଜୀବ ହେବ ତତ୍ତ୍ୱପାଶେ । ରପୁ ପ୍ରହରୀ ଦିବା ନଶେ । ୭୮ ।
ଏ ଦେହେଁ ସର୍ବ ଗୁଣ ଦେଇ । ସର୍ବ ବଦ୍ୟାରେ ପୂର୍ଣ୍ଣ ହୋଇ । ୭୯ ।
କର୍ମସାଧନ ଅନୁସାରେ । ଫଳ ଦିଅଇ ଏ ସଂସାରେ । ୮୦ ।
କର୍ମର ମନ୍ଦଫଳ ହେତୁ । କୃତାନ୍ତ ଅନ୍ତେ ବନ୍ଧନେତୁ । ୮୧ ।
ଯେ ନର ଭଜଇ ନର୍ଗୁଣ । ନାହିଁ ତା ଜନମ ମରଣ । ୮୨ ।
ତାହିବର ଯୋଗାଙ୍ଗ ମତରେ । ଯୋଗ ସାଧିବ ଧୀରେ ଧୀରେ । ୮୩
ମନ ପବନ ସ୍ଥିର କର । ଯତନେ ରୁନ୍ଧିବ ଦଶ୍ୱର । ୮୪ ।
ବ୍ରାହ୍ମଣ ତୁଣ୍ଡେ ଶିବ ମୁଣ୍ଡେ । ଘୃତ ଢାଳିବ ଅଗ୍ନିକୁଣ୍ଡେ । ୮୫ ।
ଆସନ ଶୁଦ୍ଧି ଆଚରିବ । ଦୁଷ୍କର୍ମ ପଥକୁ ଏଡ଼ିବ । ୮୬ ।
ସ୍ୱବନ୍ଧୁ ସଙ୍ଗେ ଅନ୍ୟ ବନ୍ଧୁ । ଜାଣିଲେ ବୋଲାଇଟି ଧର୍ମ । ୮୭ ।

Digitized by PPRACHIN, SOA

ତେବେ ହୋଇବ ବ୍ରହ୍ମଜ୍ଞାନ । ଧ୍ୱଂସିବ ଅକ୍ଳେଶେ ଅଜ୍ଞାନ । ୮୮ ।
ମୂଳ ମାନସୀ ଅଟେ ସାର । ଅନ୍ତରେ କର୍ମରେ ତତ୍ପର । ୮୯ ।
ବୀଜକୁ ପ୍ରଥମରେ ତତ୍ତ୍ୱ । ବୁଝିଲେ ଜାଣିବ ସମସ୍ତ । ୯୦ ।
ଅନିତ୍ୟ ସଂସାରରେ ସାର । ଅଟନ୍ତି ସିନା ଚକ୍ରଧର । ୯୧ ।
ଶକ୍ୟ ଦର୍ଶନ ଅତିଅଳ୍ପ । ଅଶକ୍ୟେ ଘଟାନ୍ତି କଳପ । ୯୨ ।
ଜୀବର ବନ୍ଧ ମୋକ୍ଷ ଜାଣି । ଆନନ୍ଦେ ଭଜଇ ଯେ ପ୍ରାଣୀ । ୯୩ ।
ଗୃହ ଧର୍ମର କୁଳଲୋକେ । ଏହା ଯେ ଭଜଇ ପ୍ରତ୍ୟକ୍ଷେ । ୯୪ ।
ସବୁ ଦୁଷ୍କର୍ମ ଦୂର କର । ଅନ୍ତରେ ସେବକ ମୁରାରୀ । ୯୫ ।
ଯେ ଧର୍ମ୍ମ ଅବସର ଯେତେ । ସେ ନିତ୍ୟେ ସେବଇ ଅନନ୍ତେ । ୯୬ ।
ମୂଳ ବିଶ୍ୱାସ ଯେବେ ଥାଇ । ଇଚ୍ଛିଲା କର୍ମ ପୂର୍ଣ୍ଣ ପାଇ । ୯୭ ।
ଏହା ଯେ ଏକମାତ୍ର ସୁଖ । କର୍ତ୍ତବ୍ୟେ ନ ହୁଅ ବିମୁଖ । ୯୮ ।
ଏହା ଯେ ଅଟେ ଧର୍ମପଥ । ବୁଝିବା ଦୂର ଏହା ଅର୍ଥ । ୯୯ ।
କହଇ ଲକ୍ଷ୍ମୀନାରାୟଣ । ସେ ପାଦପଦ୍ମେ ରହୁ ମନ । ୧୦୦ ।

ଇତି ଶ୍ରୀମହାକଳ୍କି ପୁରାଣେ ବେଦାନ୍ତେ ବ୍ରହ୍ମଜ୍ଞାନ ଯୋଗ କଥନେ ଷଟଚକ୍ର ବର୍ଣ୍ଣନେ ନାମ ପ୍ରଥମ ଅଧ୍ୟାୟଃ ।

ଦ୍ୱିତୀୟ ଅଧ୍ୟାୟ ।

ଅର୍ଜ୍ଜୁନ ଉବାଚ ।

ଗୋବର୍ଦ୍ଧନ ମୁଖକୁ ଅନାଇଁ । କହନ୍ତି ସୁଭଦ୍ରାର ସାଇଁ । ୧ ।
ହେ ପ୍ରଭୁ କମଳଲୋଚନ । ଘୋର ତିମିର ବିନାଶନ । ୨ ।
କେମନ୍ତେ ପୃଥିବୀ ସର୍ଜ୍ଜିଲ । କେମନ୍ତେ କାହାକୁ ରଖିଲ । ୩ ।
ଏ କଥା ମୋତେ କହ ଫେଇ । ଶୁଣି କହନ୍ତି ଭାବଗ୍ରାହୀ । ୪ ।

ଭଗବାନ ଉବାଚ ।

ଶୁଣ ତୁ ବାସବନନ୍ଦନ । କହିବି ଫେଡ଼ି ବ୍ରହ୍ମଜ୍ଞାନ । ୫ ।
ଏ କଥା ଅଟଇ ଗୁପତ । ତୋ ଅର୍ଥେ କହୁଅଛୁ ସତ । ୬ ।
ପ୍ରଥମେ ଶୂନ୍ୟ ଏକାକ୍ଷର । ଜନ୍ମରେ ହେଲା ଓଁକାର । ୭

Digitized by PPRACHIN, SOA

ତେଣୁ ଏ ତ୍ରିଗୁଣ ହୋଇଲା । ତ୍ରିଗୁଣେ ସଂସାର ଜନ୍ମିଲା । ୮ ।
ଓଁକାରୁ ଅକାର ସକାର । ବକାରୁ ହୋଇଲା ସଂସାର । ୯ ।
ଓଁକାରୁ ହେଲା ପାଞ୍ଚବେଦ । ଏଣୁ ତି ଯୋଗୀଙ୍କେ ପ୍ରସିଦ୍ଧ । ୧୦ ।
ଯଜୁ ଅଥର୍ବ ସାମ ଋକ୍ । ଏ ଚାର ବ୍ୟବହାରେ ଲେଖା । ୧୧ ।
ଓଁକାରୁ ସତ ରଜ ତମ । ଏ ତିନି ସଂସାର ଆଶ୍ରମ । ୧୨ ।
ରବି ଶଶିଙ୍କ ଯୋନ କଲା । ତନ୍ମଧ୍ୟୁ ଗ୍ରହ ଲମ୍ବ ହେଲେ । ୧୩ ।
ସ୍ଥଳ ବାର କଲା ଏଥି । ଯୋଗେ ସେ ଗ୍ରହ କଲା ସାଥି । ୧୪ ।
ଓଁକାରୁ ଊର୍ମି ଧୂର୍ମି ଜ୍ୟୋତି । ଜ୍ୱାଳା ହୋଇଲେ ଉତପତି । ୧୫ ।
ଓଁକାରୁ ନାମ ହେଲେ ଜାତ । ହ କ୍ଷ ଅକ୍ଷରେ ସେ ବଖ୍ୟାତ । ୧୬ ।
ହଅରୁ ହିଷି ହେଲେ ଜାତ । କ୍ଷଅରୁ ରସ୍ମିର ସମ୍ଭୂତ । ୧୭ ।
ଏମନ୍ତେ ସିଦ୍ଧି ରସ୍ମି ତାର । ଜନମ କରାନ୍ତି ଆନ୍ତର । ୧୮ ।
ପର ରଜ ଯେ ଶ୍ରବନ୍ଧ । ଏ ଅଠୁଁ ସ୍ୱରବର୍ଣ୍ଣ ଭେଦ । ୧୯ ।
ଏମନ୍ତେ ଷୋଳାକ୍ଷର ହେଲେ । ଅବଶିଷ୍ଟଙ୍କୁ ଜାତ କଲେ । ୨୦ ।
ଏରୂପେ ପଞ୍ଚାଶ ଅକ୍ଷର । ବଡ଼କୁ ହେଲା ଷଷ୍ଠାଂଶର । ୨୧ ।
ସେ ଷଷ୍ଠ କମଳ ହୋଇଲା । ଛଅ ଦେବଙ୍କୁ ପୂଜା କଲା । ୨୨ ।
ପ୍ରଥମେ ଛନ୍ତି ଗଣପତି । ବ୍ରହ୍ମରୁଦ୍ରର ସଙ୍ଗେ ସ୍ଥିତି । ୨୩ ।
ଦ୍ୱିତୀୟେ ରତି ମାର ବେନ । ତୃତୀୟେ ତ୍ରିପୁରା ପଦ୍ମଯୋନ । ୨୪ ।
ଚତୁର୍ଥେ ବିଷ୍ଣୁ କମଳନ୍ତି । ପଞ୍ଚମେ ଉମା ଶୂଳପାଣି । ୨୫ ।
ଷଷ୍ଠେ ଅନାଦି ଅଗ୍ନି ସଙ୍ଗେ । ବିହାର କରେ ନାନାରଙ୍ଗେ । ୨୬ ।
ବଙ୍କନାଳରୁ ତିନିଧାର । ବହନ୍ତୁ ତ୍ରିବେଣୀ ନାମର । ୨୭ ।
ଗଙ୍ଗା ଯମୁନା ସରସ୍ୱତୀ । ତ୍ରିଦେବ ନିକଟେ ବହନ୍ତି । ୨୮ ।
ଶଙ୍କର ସରସ୍ୱତୀ କୂଳେ । ବିଷ୍ଣୁ ଉପତ ଗଙ୍ଗାଜଳେ । ୨୯ ।
ଯମୁନା ବ୍ରହ୍ମା ପାର୍ଶ୍ୱେ ସ୍ଥିତ । ଏମନ୍ତ ଷଟ୍‌ଚକ୍ର ବୃତ୍ତାନ୍ତ । ୩୦ ।
ଷଟ୍‌ଚକ୍ର ପରେ ଶୂନ୍ୟମଣ୍ଡଳ । ମାକଡ଼ସା ସମାନ ଜାଲ । ୩୧ ।
ତଦ୍‌ପରେ ସୂତ୍ରଅଗ୍ର ବାଟ । ତିଲଗୋପା ସମ କବାଟ । ୩୨ ।

Digitized by PPRACHIN, SOA

ଝାଁଟିକୁ ଯିବା ନାହିଁ ପଥ । ନଷ୍ଟହେଲେ ଯିବ ବ୍ରହ୍ମ ହସ୍ତ । ୩୩ ।
ତଦପରେ ଜାଉଁରୀମଣ୍ଡଳ । ଗୋଲ୍ଲହାଟି ସେହୁ ସ୍ଥଳ । ୩୪ ।
ଭ୍ରମରଗୁମ୍ଫା ଅଟେ ସେହୁ । ଦେବନାଗିନ ବଟ ତହିଁ । ୩୫ ।
ସୁଷୁମ୍ଣା ନାମେ ସର୍ପ ଥାଇ । ବ୍ରହ୍ମ ପେଡ଼ାରେ ଗରଜଇ । ୩୬ ।
ଲାଞ୍ଜି ମୂର୍ତ୍ତି ଏକଠାବେ । ହଂସ ବସଇ ଶିରୋଭାଗେ । ୩୭ ।
ହଂସର ନାସାପୁଡ଼ା ବେନି । ଚନ୍ଦ୍ର ସୂର୍ଯ୍ୟଙ୍କୁ ଥାଏ ଘେନି । ୩୮ ।
ପୂର୍ବକୁ ତାହାର ବଦନ । ପଶ୍ଚିମେ ତାହାର ଲୋଚନ । ୩୯ ।
ସେ ହଂସ ଉପରେ ପରମ । ବସିଛନ୍ତି ସହଜେ ତ ବ୍ରହ୍ମ । ୪୦ ।
ସେ ବ୍ରହ୍ମ ଚିହ୍ନିଲେ ଅମର । ଦେଖି ହୋଇବ ନର୍କୁ ପାର । ୪୧ ।
ପରମହଂସ ପଦ ଏହୁ । ଏହାକୁ ଚିହ୍ନ ପ୍ରେମଭାଇ । ୪୨ ।
ପଞ୍ଚଭୂତରେ ଏ ଶରୀର । ଗଠିତ ହୋଇଛି ନକର । ୪୩ ।
ପଞ୍ଚମନଟି ଏଥେଁ ଥାଇ । ପଚିଶ ପ୍ରକୃତି ଅଟଇ । ୪୪ ।
ଏହାଙ୍କୁ ଜିଣିବ ଯେ ଜନ । ସେ ଯିବ ବୈକୁଣ୍ଠ ଭୁବନ । ୪୫ ।
ଏକାଦଶ ଇନ୍ଦ୍ରିୟ ହୋଇ । ତାହାକୁ ଯେ ଜନ ସାଧଇ । ୪୬ ।
ତାହାଙ୍କୁ ନାହିଁ ଯମଭୟ । ଯେ କରେ ଆତ୍ମା ପରଚୟ । ୪୭ ।
ଏମନ୍ତେ ପୃଥିବୀ ଭିଆଣ । କରିଛି ଶୁଣ ହେ ଅର୍ଜୁନ । ୪୮ ।
ଶୁଣି ଅର୍ଜୁନ କୁତକୁତ । ପୁଣି ପୁଚ୍ଛନ୍ତି ଇନ୍ଦ୍ରସୁତ । ୪୯ ।

ଅର୍ଜୁନ ଉବାଚ ।

ହେ ପ୍ରଭୁ ଅଗାଧର ଗଢ । ଅନାଦି ଉଗ୍ରସେନ ନାତି । ୫୦ ।
ଯେମନ୍ତେ ସର୍ଜିଲ ଜଗତ । ଶ୍ରୀମୁଖେଁ ଶୁଣିଲି ବୃତ୍ତାନ୍ତ । ୫୧ ।
କଥାଏ ପୁଚ୍ଛେଁ ଭାବଗ୍ରାହୀ । କହସି ସଂଶୟ ଫିଟାଇ । ୫୨ ।
ଚତୁର୍ଯୁଗର କଥା ଯେତେ । ସେ କଥା କହ ମୋ ଅଗ୍ରତେ । ୫୩ ।
ଯେ ଧର୍ମେ ପାଳୁଛ ଜଗତ । ବୁଝାଇ କହ ଜଗନ୍ନାଥ । ୫୪ ।

ଭଗବାନ ଉବାଚ ।

ଶୁଣି ବୋଲନ୍ତି ନନ୍ଦସୁତ । ପ୍ରଥମେ ଜାତ ହେଲା ସତ୍ୟ । ୫୫ ।

Digitized by PPRACHIN, SOA

ସରବେ ସତ୍ୟ ଅଚରିଲେ । ତପସ୍ୟା କଲେ ସ୍ୱର୍ଗଗଲେ । ୫୬ ।
ନ୍ୟାୟରୁ କର ଅର୍ଥସାର । ପଣ୍ଡିତଜନଙ୍କ ବେଭାର । ୫୭ ।
ଏଭାବେ ଯେ ଚଳନ୍ତି ନିତ୍ୟ । କଷ୍ଟୁ ତରନ୍ତି ଅବସ୍ଥାତେ । ୫୮ ।
ଏମନ୍ତ ସତ୍ୟର ବିଚାର । ଶୁଣ କହିଲି ପଣ୍ଡୁବୀର । ୫୯ ।
ତ୍ରେତୟାଯୁଗେ ଯାହା କହି । ସତ୍ୟକୁ ଦୃଢ଼ଚିତ୍ତେ ବହି । ୬୦ ।
ତରନ୍ତି ଅନେକ କ୍ଲେଶ ସଂସାରେ । ଶୁଣ ଅର୍ଜୁନ ମନସ୍ଥିରେ । ୬୧ ।
ଏମନ୍ତ ତ୍ରେତୟାର ନ୍ୟାୟ । କହିଲି ଫେଡ଼ଣ ସନ୍ଦେହ । ୬୨ ।
ଦ୍ୱାପରଯୁଗ କଥା ଶୁଣ । ମିଥ୍ୟା ହୋଇଲା ଅର୍ଦ୍ଧଛିନ୍ନ । ୬୩ ।
ନ୍ୟାୟ ଅନ୍ୟାୟ ବେନି ରୀତି । ସରବେ ଧର୍ମେ ମଣି ନୀତି । ୬୪ ।
ଦାନରେ ମତି ବଳିଥାନ୍ତି । କୁସଙ୍ଗ ପଥକୁ ଏଡ଼ନ୍ତି । ୬୫ ।
ଯେହ୍ନେ କରନ୍ତି କ୍ରୂରପଣ । ମୋହ ଚକ୍ରରେ ହେଲେ ଲୀନ । ୬୬ ।
ଯେ ମୋତେ ନିରତେ ସେବଇ । ଘୋର ତମିରୁ ନିସ୍ତରଇ । ୬୭ ।
ମୋ ନାମ ଧରି ଜିହ୍ୱାଗ୍ରତେ । ଜାତ କରଇ ସେହ୍ନେ ମୋତେ । ୬୮ ।
ତେଣୁଟି ଭକ୍ତ ମୋର ତାତ । ତା ଭଳି ନାହିଁ ଏ ଜଗତ । ୬୯ ।
ମୋହର ଶତ୍ରୁ ମୁଁ ମାରଇଁ । ଅନ୍ୟରେ ତାହାଙ୍କୁ ତାରଇଁ । ୭୦ ।
ଭକ୍ତର ଶତ୍ରୁ ଯେହ୍ନୁ ଜନ । ତାହାକୁ ନାହିଁ ପରିତ୍ରାଣ । ୭୧ ।
ସେ ମୋର ପରିବାର ଅଟଇ । ତାହାକୁ ନ ପାରେ ମୁ ଛାଡ଼ି । ୭୨ ।
ଏଣୁ ମୋହର ଭକ୍ତ ଇଷ୍ଟ । ଶୁଣ କହିଲି ବୀରଶ୍ରେଷ୍ଠ । ୭୩ ।
ଏବେ କହିବା କଳି ନ୍ୟାୟ । ସତ୍ୟ ହୋଇବ କ୍ରମେ କ୍ଷୟ । ୭୪ ।
ଅସତ୍ୟପଥ ଆଚରିବେ । ଦୁଷ୍କର୍ମପଥେ ସ୍ନେହ ହେବେ । ୭୫ ।
ଇନ୍ଦ୍ରିୟବଶ ହୋଇ ନର । ଲଙ୍ଘିବେ ସତ୍ୟ-ରତ୍ନାକର । ୭୬ ।
ତେଣୁ ହୋଇବେ ଅଳ୍ପାୟୁ । ପୂରିବ କୃତାନ୍ତ-ଗୃହାଳୟ । ୭୭ ।
ଲୋକରେ ହେବ ପାପଜାତ । ତୋତେ କହିଲି ପଣ୍ଡୁସୁତ । ୭୮ ।

ଅର୍ଜ୍ଜୁନ ଉବାଚ ।

ଶୁଣି ଅର୍ଜୁନ ଜଣାଇଲ । ଶୁଣ ହେ କମଳାର ସାଇଁ । ୭୯ ।

Digitized by PPRACHIN, SOA

ଇନ୍ଦ୍ରିୟ ଆଦି କଲ ଜାତ । ସତ୍ୟକୁ କ୍ରମେ କଲ ଲୁପ୍ତ । ୮୦ ।
ମିଥ୍ୟା ହୋଇବ ଆଗୁସାର । ନ ଥିବ ବେଦର ବଗ୍ତର । ୮୧ ।
ଇନ୍ଦ୍ରିୟେ ହୋଇବେ ବଳିଷ୍ଠ । ମାନସେ ହେବେ ସେହି ଶ୍ରେଷ୍ଠ । ୮୨ ।
ଏସବ ଭୂମ୍ଭର ଭଅଣ । କେମନ୍ତେ ଦୋଷେ ନରଗଣ । ୮୩ ।
ପାଇବେ କ୍ଳେଶ ଅକୂପାର । ଚଳିବେ ଶମନଆକର । ୮୪ ।
ଏ କଥା କହ ଜଗନ୍ନାଥ । ସଂଶୟ ଫିଟାଅ ତ୍ୱରିତ । ୮୫ ।

ଭଗବାନ ଉବାଚ ।

ଶୁଣି କହନ୍ତି କମ୍ବୁପାଣି । ଶୁଣ ହେ ବୀର ଚୂଡ଼ାମଣି । ୮୬ ।
ପ୍ରଥମେ ସର୍ଜିଲି ଜଗତ । ରଚିଲି ବେଦ ବେଦ ପଥ । ୮୭ ।
ନ୍ୟାୟ ଅନ୍ୟାୟ ହିତାହିତ । ପାପ ପୁଣ୍ୟ ଯେ ମିଥ୍ୟା ସତ୍ୟ । ୮୮ ।
ଏମନ୍ତ ପଥ ବେଦ କଲି । ଦ୍ୱିଜମୁଖରେ ଭଣାଇଲି । ୮୯ ।
ବେଦକୁ କଲି ଆଗୁସାର । ନିଷେଧ କଲି ପାପାଗାର । ୯୦ ।
ଯେ ଯେଉଁ ପଥେ ଯିବ ଚଳି । ଫଳ ଲଭିବ ସେହି ଭଳି । ୯୧ ।
ଆପଣା ନେତ୍ରେ ହୃସ୍ତ ଭତ୍ର । କେ ତାର ଅଟଇ ବଇରୀ । ୯୨ ।
ଦ୍ୱିଜ ପଥରୁ ନ୍ୟାୟ ସାର । ତେଣୁ ଏ ଅଟଇ ଅସ୍ଥିର । ୯୩ ।
ସତ୍ୟଟି ଅଟଇ ଜନକ । ସେ ପଥେ ଯିବା ବଡ଼ ଦୁଃଖ । ୯୪ ।
ସେ ଧର୍ମେ ହୋଇଲେ ପଥର । ଅକ୍ଳେଶେ ଯିବ ସ୍ୱର୍ଗପୁର । ୯୫ ।
ଯେମନ୍ତେ କଣ୍ଟୁ ଅଟେ ନିମ୍ବ । ସୁଗୁଣେ ହୋଇଛି ଆରମ୍ଭ । ୯୬ ।
ତାହାର ଗୁଣ ନ ବୁଝନ୍ତି । ତୃଷରେ ମାନସ ବଳାନ୍ତି । ୯୭ ।
ତୃଷରେ ଦୁର୍ଗୁଣ ଅଟଇ । ମୁଖକୁ ମିଷ୍ଟକ ଲାଗଇ । ୯୮ ।
ତେମନ୍ତ ଏହି ବେଦ ପଥ । କହିଲି ଫେଡ଼ କୁନ୍ତୀସୁତ । ୯୯ ।
ଶ୍ରୀହରି ପଦେ ରଖି ଧ୍ୟାନ । କହଇ ଲକ୍ଷ୍ମୀନାରାୟଣ । ୧୦୦ ।

ଇତି ଶ୍ରୀମତ୍ କଳ୍କି ପୁରାଣେ ବେଦାନ୍ତ ବ୍ରହ୍ମଜ୍ଞାନ କଥନେ ଶ୍ରୀହରି ଅର୍ଜୁନ ସମ୍ବାଦେ ଗୃହିସ୍ତ ବର୍ଣ୍ଣନେ ମୁକ୍ତି ତତ୍ତ୍ୱ କଥନେ ନାମ ଦ୍ୱିତୀୟୋଽଧ୍ୟାୟଃ ।

Digitized by PPRACHIN, SOA

ତୃତୀୟ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ବିନତ ଭାବରେ । ପଚାରଣ ଶ୍ରୀହରି ପୟରେ । ୧ ।
ପୁଚ୍ଛନ୍ତ ନତମୁଖେ ପାର୍ଥ । ଶୁଣସି ରୁକ୍ମିଣୀର କାନ୍ତ । ୨ ।
କଳିଯୁଗରେ ଯେତେ ନର । କରିବେ ଘୋର ଅତ୍ୟାଚାର । ୩ ।
ଗୁରୁଜନଙ୍କୁ ନ ମାନିବେ । ଅପଥେ ଗମନ କରିବେ । ୪ ।
ନିନ୍ଦିବେ ବେଦବାକ୍ୟ ହେଲେ । କୁଚିନ୍ତ ଭାଳିବେ ନିଶ୍ଚଳେ । ୫
ବେଶ୍ୟା ସଙ୍ଗରେ ସୁରାପାନ । ଉଚ୍ଛିଷ୍ଟ କରିବେ ଭୋଜନ । ୬ ।
ପରଦାରରେ ମତ୍ତ ହେବେ । ଜାତିକୁଳକୁ ନ ମାନିବେ । ୭ ।
ମାତୁଳ ସଙ୍ଗତେ ଆହାର । ନାରୀଙ୍କ କୁଳଟା ବେଭାର । ୮ ।
ଏମନ୍ତ ବହୁ ଅନାଚାର । କେମନ୍ତ ହୋଇବେ ନିସ୍ତାର । ୯ ।
ଏ କଥା କହ ଦେବରାୟ । ଶ୍ରବଣେ ଫିଟୁ ମୋ ସନ୍ଦେହ । ୧୦ ।

ଭଗବାନ ଉବାଚ ।

ଅର୍ଜୁନ ମୁଖୁଁ ଏହା ଶୁଣି । କହନ୍ତି ପ୍ରଭୁ ଚକ୍ରପାଣି । ୧୧ ।
ସତ୍ୟ ଶାନ୍ତ ଯେ ଦୟା କ୍ଷମା । ଏ ଆଦି ମୋହର ମହିମା । ୧୨ ।
ଏ ଚାରି ଧର୍ମେ ଯେବଣ ନର । ସେ ମୋର ସ୍ନେହର ପିଅର । ୧୩ ।
ବାୟୁ ସଙ୍ଗତେ ପ୍ରୀତି କର । ଆସନଶୁଦ୍ଧି ଆଦି ସାର । ୧୪ ।
ମଣ୍ଡଳ ମଧ୍ୟେ ଉପବେଶ । ବେଗେ କରିବ ଅଙ୍ଗନ୍ୟାସ । ୧୫ ।
ଧ୍ୟାନାନ୍ତେ ସାଧ ବୀଜମନ୍ତ୍ର । ସ୍ଥିର କରିବ ଅଙ୍ଗ ତନ୍ତ୍ର । ୧୬ ।
ଦଣ୍ଡକେ ଚାରିଶତ ଅଶି । ପବନ ଫେରେ ଦିବାନିଶି । ୧୭ ।
ଚୌଦ ଶତରେ ସୂର୍ଯ୍ୟାୟଣ । ଚୌଦ ଶତରେ ଚନ୍ଦ୍ରାୟଣ । ୧୮ ।
ଏମନ୍ତେ ଚନ୍ଦ୍ର ସୂର୍ଯ୍ୟ ମିଶି । ସମ୍ପୂର୍ଣ୍ଣ ଦିବସରେ ଆସି । ୧୯ ।
ଅଷ୍ଟାବିଂଶ ସହସ୍ର ଅଷ୍ଟ । ଶତ ଏ ଯୋଗରେ ପ୍ରକଟ । ୨୦ ।
ଏହାକୁ ଚାହିଁ ଯୋଗବଳେ । ପବନ ଭୁଞ୍ଜିବ ନିଶ୍ଚଳେ । ୨୧ ।
ନାସାଗ୍ରେ ଦୃଷ୍ଟି ଭେଦ କରି । ଯୋଗ ସାଧିବ ଅନୁସରି । ୨୨ ।

Digitized by PPRACHIN, SOA

ସୁଷୁମ୍ନା ମଧ୍ୟେ ବ୍ରହ୍ମନାଡୀ । ସାଧିବ ରିପୁଗଣେ ଏଡ଼ି । ୨୩ ।
ଉଠିବ ବୃଷ ଉପରକୁ । ଶ୍ବେତ ଦଳର ଶିଖରକୁ । ୨୪ ।
ତହୁଁ ସାଧିବ ଷଠଦଳ । ତଦୂର୍ଦ୍ଧ ସାଧି ଦଶଦଳ । ୨୫ ।
ତ୍ରିବେଣୀଠାରେ ସ୍ନାନ କରି । ସେବିବ ଯାଇ ତ୍ରିପୁରାରି । ୨୬ ।
ସେ ପଦ୍ମ ଷୋଡ଼ଶ ଦଳରେ । ଦ୍ୱାଦଶ ଉମା ତନ୍ମଧରେ । ୨୭
ତହୁଁ ସାଧିବ ବେନି ଦଳ । ଶିବ ପରମ ଯହୁଁ ଠୁଳ । ୨୮ ।
ଅରୂପାନନ୍ଦଙ୍କୁ ଦେଖିବୁ । ଜନ୍ମ ମରଣ ପାଶୋରିବୁ । ୨୯ ।
କାଉଁରିମଣ୍ଡଳକୁ ବାଟ । ଯହୁଁ ବସିଛି ଗୋଲ୍ଲହାଟ । ୩୦ ।
ସେ ହାଟେ ବିକାକିଣା କରି । ସ୍ୱର୍ଗେ ଚଳିବେ ବ୍ରହ୍ମଜ୍ଞାନୀ । ୩୧ ।
ଏହିଟି ମୂଳ ଜ୍ଞାନପଥ । ଅରୂପାନନ୍ଦେ ଚଳନ୍ତ ପାଥ । ୩୨ ।

ଅର୍ଜୁନ ଉବାଚ ।

ଶୁଣି ଅର୍ଜୁନ ପଚାରଇ । ହେ ପ୍ରଭୁ କମଳାର ସାଇଁ । ୩୩ ।
ଅରୂପାନନ୍ଦ ନାମ ବହୁ । ବସିଛ ତ୍ରୈଲୋକ୍ୟ-ଗୋସାଇଁ । ୩୪ ।
ଅରୂପାନନ୍ଦ କେଉଁ ଦେବ । ବୋଲ୍ଲଏ କହ ମୋ ଅଗ୍ରତ । ୩୫ ।

ଭଗବାନ ଉବାଚ ।

ଶୁଣି କହନ୍ତି ଦାମୋଦର । ପ୍ରଥମେ ହୋଇଲେ ଓଁକାର । ୩୬ ।
ଓଁକାରୁ ଶବ୍ଦ ଭେଦ ହେଲେ । ଶବ୍ଦରୁ ନାଦ ହୋଇଲେ । ୩୭ ।
ନାଦରୁ ବିନ୍ଦୁ ଜାତ ହେଲେ । ବିନ୍ଦୁରୁ ଅକ୍ଷର ହୋଇଲେ । ୩୮ ।
ଅକ୍ଷର ଅଟେ ନାମବ୍ରହ୍ମ । ଅରୂପାନନ୍ଦ ତାହା ନାମ । ୩୯ ।
ସେ ନାମ ଭଜ ନିରନ୍ତରେ । ତହୁଁ ମୁଁ ଆବଦ୍ଧ ପ୍ରେମରେ । ୪୦ ।
ଭକ୍ତର ପ୍ରେମଭାବ ଶୁଣି । ସହି ନ ପାରେ ଫାଲଗୁନି । ୪୧ ।
ହୃଦେ ମୁଁ ଥାଏଁ ଦିବା ନିଶି । କୀଟ ବ୍ରହ୍ମରେ ସୂକ୍ଷ୍ମ ମିଶି । ୪୨ ।
ବ୍ରହ୍ମକୁ କରିଥାଏଁ ଏକ । କୀଟ ଠାବରୁ ନରଲୋକ । ୪୩ ।
ଏସବୁ ମୋହର ତିଆଣ । ମୋ ତହୁଁ ନାହିଁ ଭିନ୍ନାଭିନ୍ନ । ୪୪ ।
ଆତ୍ମଗର୍ବୀର ମୁହିଁ ପର । ଆତ୍ମଦର୍ଶୀଙ୍କୁ ସ୍ୱୀକର । ୪୫ ।

Digitized by PPRACHIN, SOA

ଅବନ୍ଦା କର୍ମ କର କର୍ମୀ । ପୁଣି ମୁ ବୋଲାଏଁ ନିଷ୍କାମୀ । ୪୬ ।
ସର୍ବ ସ୍ଥାନରେ ମୁହିଁ ଥାଇଁ । ସର୍ବ ସ୍ଥାନରେ ମୁ ନ ଥାଇଁ । ୪୭ ।
ଏ କଥା କହିଲ ବିସ୍ତାର । ଶୁଣି ତରଲୁ ବୃହନ୍ନାର । ୪୮ ।

ଅର୍ଜୁନ ଉବାଚ ।

ଶ୍ରୀହରି ମୁଖକୁ ଅନାଇ । ଅର୍ଜୁନ ପୁଣି ଜିଜ୍ଞାସଇ । ୪୯ ।
ହେ ପ୍ରଭୁ କମଳଲୋଚନ । ମୁରାରି ଅଜ୍ଞାହତରଞ୍ଜନ । ୫୦ ।
କେଉଁ ଠାବରେ ତବ ବାସ । ସେ କଥା କହ ପୀତବାସ । ୫୧ ।

ଭଗବାନ ଉବାଚ ।

ଶୁଣି କହନ୍ତି ଶ୍ରୀବତ୍ସାଙ୍କ । ବୈକୁଣ୍ଠପୁରେ ମୁ ନ ଥାଇ । ୫୨ ।
ମଥୁରା ଦ୍ୱାରକା ଗୋପରେ । ନ ଥାଏଁ ମୁ ବୃନ୍ଦାବନରେ । ୫୩ ।
ନ ଥାଏଁ ପର୍ବତ ସାଗରେ । ନ ଥାଏଁ ସିଦ୍ଧ ଯୋଗୀଠାରେ । ୫୪ ।
ଦ୍ୱାଦଶ ସହସ୍ର ବରଷ । ତପସ୍ୟା କଲେ ଦେବ ଯଶ । ୫୫ ।
ତେଣୁ ମୁ ସେଠାରେ ନ ଥାଇ । ଯେ ନାମବ୍ରହ୍ମକୁ ଚହଇ । ୫୬ ।
ସେ ପ୍ରେମ-ବନ୍ଧନରେ ମୋତେ । ପକାଇ ଥାଏ ଅନୁବ୍ରତେ । ୫୭ ।
ଶିଶୁ ରୂପରେ ତହିଁ ଥାଇଁ । ଶିଶୁବେଦରେ ମତ୍ତ ଯେହ୍ନ । ୫୮ ।
ତାର ମୁ ଅଟଇ ନନ୍ଦନ । ପ୍ରେମ-ଦୁଗ୍ଧକୁ କରେ ପାନ । ୫୯ ।
ତେଣୁ ଅନୂପାନନ୍ଦ ମୁହିଁ । କହିଲ ପାର୍ଥ ତୋତେ ଫେଇ । ୬୦ ।

ଅର୍ଜୁନ ଉବାଚ ।

ପୁଣି ଅର୍ଜୁନ ପଚାରଇ । ଶୁଣସି ବ୍ରହ୍ମାଣ୍ଡ ଗୋସାଇଁ । ୬୧ ।
ତବ ନଯୁତଚକ୍ର ବଳେ । ଏ ମହୀ ଚଳୁଛି ନିଶ୍ଚଳେ । ୬୨ ।
ସଂସାର ଭ୍ରମର ଅଶ୍ରିତ । ଯେହ୍ନ କରନ୍ତି ବିପରୀତ । ୬୩ ।
ଭ୍ରମର ନିୟମ ଏଡନ୍ତି । ଅଗମ୍ୟ ପଥକୁ ଗମନ୍ତି । ୬୪ ।
କରନ୍ତି ସକଳ ଅହିତ । ପରଦାରରେ ଉନମତ୍ତ । ୬୫ ।
ବ୍ରହ୍ମସ୍ୱ କରନ୍ତି ହରଣ । ଗାବକୁ କରନ୍ତି ହନନ । ୬୬ ।
ଗୁରୁଜନଙ୍କୁ ଗାଳି ଦିଅନ୍ତି । ନିଷ୍ଠୁର ହୃଦୟ ବଦନ୍ତି । ୬୭ ।

Digitized by PPRACHIN, SOA

କରନ୍ତି ନାନା ନୀଚକର୍ମ । କେମନ୍ତେ ସହେ ତାଙ୍କୁ ଧର୍ମ । ୬୮ ।
କି ଦଣ୍ଡ ତାହାଙ୍କୁ ବିଅଯ । ଏ କଥା ମୋତେ ଫେଡ଼ି କହ । ୬୯ ।
ପୁଣି କେମନ୍ତେ ସେ ଉଦ୍ଧାର । ପାଇବେ କହ ଚକ୍ରଧର । ୭୦ ।

ଭଗବାନ ଉବାଚ ।

କହନ୍ତି ପ୍ରଭୁ ଚକ୍ରପାଣି । ଶୁଣ ହେ ବୀର ଫାଲ୍‌ଗୁନି । ୭୧ ।
ବ୍ରହ୍ମସ୍ୱ ହରନ୍ତି ଯେ ନର । ତାହାଙ୍କୁ ନାହିଁ ପ୍ରତିକାର । ୭୨ ।
ସେ ନର ଅପୁତ୍ରିକ ହୋଇ । ତା ମୁଖ ଦେଖି ନ ଯୋଗାଇ । ୭୩ ।
ସେ ଯେବେ ଯଜ୍ଞ ଆଚରଇ । କିଛି ବା ଦୋଷ ଦୁର ହୋଇ । ୭୪ ।
ଅନ୍ୟ ଜନ୍ମରେ ପଶୁ ହୋଇ । ସାଧୁକୁ ଋଣ ସୁଝୁଥାଇ । ୭୫ ।
ସୁଝିବା ଅନ୍ତେ ଯାଏ ଦୋଷ । କିଛି ନ ରହେ ଅବଶେଷ । ୭୬ ।
ପରଦାରରେ ଯେହୁ ମତ୍ତ । ତାହାର ପାପ ଅପ୍ରମିତ । ୭୭ ।
ସେ ଯେବେ ଲିଙ୍ଗ ବଳୀ ଦେଇ । ଗୁରୁଙ୍କ ସେବାରେ ଲାଗଇ । ୭୮ ।
ତେବେ ତାହାର ଯିବ ଦୋଷ । ନୋହିଲେ ପୁଣି ହେବ ନାଶ । ୭୯ ।
ଦାରାରେ ବୈଦେହୀ ହରଣ । ଦାରାରେ ରାବଣ ମରଣ ॥ ୮୦ ॥
ଗୁରୁଙ୍କୁ ଯେ ଗାଳି ଦିଅଇ । ଅକାଳମୃତ୍ୟୁରେ ମରଇ । ୮୧ ।
ତାହାର ହୁଏ ଅଧୋଗତି । ସେ ଯେବେ କରେ ଏହିମତି । ୮୨ ।
ଜିହ୍ୱା ତାହାର ବଳୀ ଦେଇ । ଯଜ୍ଞର କର୍ମରେ ଲାଗଇ । ୮୩ ।
ବୈଷ୍ଣବ ପାଦଧୂଳି ନେଇ । ନିଜର ଚର୍ବିକୁ ଲେପଇ । ୮୪ ।
ନାନାଦି କରଇ ସୁକର୍ମ । ତେବେ ତାହାର ହୁଏ ଧର୍ମ । ୮୫ ।
ସମ୍ପୂର୍ଣ୍ଣ ପାପ ଦୂର ନୋହି । ଆନ ଜନ୍ମକୁ କିଛି ଥାଇ । ୮୬ ।
ଯେ କରେ ଗାଈକୁ ହନନ । ତାହାର ନାହିଁ ପରିତ୍ରାଣ । ୮୭ ।
ଚଣ୍ଡାଳଠାରୁ ସେହୁ ହୀନ । ତା ବଂଶ ହୁଅଇ ନିଧନ । ୮୮ ।
କୁମ୍ଭୀପାକରେ ପଡ଼ି ଯାଇ । ଲୌହକାକଟି ଜଗି ଥାଇ । ୮୯ ।
କାଟି ଭକ୍ଷନ୍ତି ତାର ମାଂସ । ସେ ନର ଲଭେ ବହୁ କ୍ଲେଶ ॥ ୯୦ ॥
ସେ ଯେବେ ଜୀବନ୍ତ ଶରୀରେ । ଚର୍ମ ଛେଦନକୁ ଛେଦେ କରେ । ୯୧ ।

Digitized by PPRACHIN, SOA

ଯଜ୍ଞକୁଣ୍ଡରେ ନକ୍ଷେପଇ । ଗୁରୁଙ୍କ ସେବାରେ ନଲାଗଇ । ୯୨ ।
ଦନ୍ତରେ ତୃଣ ଧରିବ । ଗ୍ରାମରେ ଭିକ୍ଷା କରି ଯିବ । ୯୩ ।
ସେ ଭିକ୍ଷା ବିପ୍ରେ ଦେବ ଦାନ । ଲଭିବ ବିପ୍ରଙ୍କ କଲ୍ୟାଣ । ୯୪ ।
ବେଦବାକ୍ୟରେ ପ୍ରାୟଶ୍ଚିତ୍ତ । କରି ଚିନ୍ତିବ ଜଗନ୍ନାଥ । ୯୫ ।
ଗାବଙ୍କୁ ଭୋଜନ ଦିଆଇବ । ବୀଜମନ୍ତ୍ରକୁ ଜପୁଥିବ । ୯୬ ।
ପୁରାଣ ଅଷ୍ଟାଦଶ ଆଦି । ଗୀତା ଶାସ୍ତ୍ରର ମଧ୍ୟେ ଭେଦି । ୯୭ ।
କରିବ ଯଥୋଚିତ କର୍ମ । ତେବେ ତାହାର ହେବ ଧର୍ମ । ୯୮ ।
ସମ୍ପୂର୍ଣ୍ଣ ପାପ ଦୂର ନୋହି । ଆର ଜନ୍ମକୁ କଷ୍ଟ ଥାଇ । ୯୯ ।
ଏମନ୍ତ ସଂସାର ଭିଆଣ । କହଇ ଲକ୍ଷ୍ମୀନାରାୟଣ ॥ ୧୦୦ ॥

ଇତି ଶ୍ରୀମତ୍ କଳ୍କିପୁରାଣେ ହରି ଅର୍ଜୁନ ସମ୍ବାଦେ ବେଦାନ୍ତ ବ୍ରହ୍ମଜ୍ଞାନେ
କଥନେ ଦୋଷ ଫଳାଫଳ ବର୍ଣ୍ଣନେ ନାମ ତୃତୀୟୋଽଧ୍ୟାୟଃ ।

——:O:——

ଚତୁର୍ଥ ଅଧ୍ୟାୟ ।

ଶ୍ଳୋକ—ଧର୍ମାଧର୍ମଂ ବିଜ୍ଞାନଷ୍ଟ ହୀନଂ ଧାଧେନଲୁବ୍ଧଂ ଧର୍ମାଦି ସଂକୁଚିତଂ ।
ଉପାଧି ପ୍ରତ୍ୟକ୍ଷ ବିବର୍ଜ୍ଜିତଂ ଧର୍ମଦ୍ରୁତା ମନୁଷ୍ୟାଃ । ୧ ।
ସତ୍ୟଂ ଦୂରଗତଂ ବିପ୍ରାଶ୍ଚଲୁଭିତା ପୃଥିବୀ ହୀନବୀର୍ଯ୍ୟା ।
ନାରୀବଶାଜନା ନରୌଷଧିରସା ପୁଣ୍ୟାପି ତୃ ଦ୍ୱେଷିଣୋ । ୨ ।
ଭାର୍ଯ୍ୟା ଭର୍ତ୍ତୃଦ୍ୱେଷା ସଦା ପରରତା ଦ୍ୱିଜା ଦୁର୍ମାର୍ଗଂ ଗତା ।
ନୃପାଣା ସ୍ୱଧର୍ମ ବିରହିତା ନୀଚ ସଦାଗ୍ରହଣୋ । ୩ ।
ଶ୍ରୁତବଂଶାସୂୟା କ୍ରୂରାଷ୍ଟ ମାନସା ଦ୍ୱିପାଦଂ ପାପପୂର୍ଣ୍ଣା ।
ନ୍ଦା କ୍ଲେଶଂ ଘଟନମର୍ପି କଳୟୁଗେ ତସ୍ମୈ ଶ୍ରୀହରୟେ ନମଃ । ୪ ।
ଦେହିପଦସରୋଜଂ ମେ ନରାମରନ୍ଦଯୋଜିତମ୍ ।
ତବ ପଦାରବିନ୍ଦେଷୁ ପ୍ରଣମାମି ପୁନଃ ପୁନଃ । ୫ ।

ଅର୍ଜ୍ଜୁନ ଉବାଚ ।

ପୁଣି ଅର୍ଜୁନ ପଚାରଇ । ଶୁଣିମା ହେଉ ଲକ୍ଷ୍ମୀସାଇଁ । ୧ ।

Digitized by PPRACHIN, SOA

କେମନ୍ତେ କଳିର ଉତ୍ପତ୍ତି । ସେ କଥା କହ ବର୍ଣ୍ଣପନ୍ତ । ୨ ।
କଳିର ଆଗମ ନିଗମ । ଶୁଣି ଖଣ୍ଡିବ ମୋର ଭ୍ରମ । ୩ ।

ଭଗବାନ ଉବାଚ ।

ପୁଣ୍ଡରୀକାକ୍ଷଙ୍କ ଉତ୍ତର । ଶୁଣସି ଇନ୍ଦ୍ରଙ୍କ କୁମର । ୪ ।
ପ୍ରଥମେ ସତ୍ୟର ଉତ୍ପତ୍ତି । ସଂସାରେ ଚଳାଇଲା ନୀତି । ୫ ।
ତପସ୍ୟା ଆଦି ବ୍ରହ୍ମଯୋଗ । ଏ ସବୁ କରାଇଲା ଭୋଗ । ୬ ।
ତ୍ରେତୟା ହେଲା ସତ୍ୟ ଅନ୍ତେ । ସୁକୀର୍ତ୍ତି ଅର୍ଜ୍ଜିଲା ଜଗତେ । ୭ ।
ଯାଗ ଇତ୍ୟାଦି ଆଚରିଲା । ତଦନ୍ତେ ଦ୍ୱାପର ଜନ୍ମିଲା । ୮ ।
ଅନେକ ସତକର୍ମ କରି । ସାମାନ୍ୟ କୁପଥ ଆଚରି । ୯ ।
ନୀତରେ ସଂସାର ଚଳିଲା । ଏ ଅନ୍ତେ କଳି ଜାତ ହେଲା । ୧୦ ।
ଦଶସହସ୍ର ବର୍ଷ ପାଇଁ । ଜନ୍ମିଲା ପାପଭାର ବହି । ୧୧ ।
ମାଘପୂର୍ଣ୍ଣିମା ଶୁକ୍ରବାରେ । କଳି ପ୍ରବେଶ ମର୍ତ୍ତ୍ୟପୁରେ । ୧୨ ।
ପାଦେକ ସତ୍ୟ ରକ୍ଷା କଲା । ତ୍ରିପାଦ ପାପେ ବୁଡ଼ାଇଲା । ୧୩ ।
ସୂର୍ଯ୍ୟବଂଶରେ ସତ୍ୟକାଳେ । ଗଙ୍ଗା ଉତ୍ତୀର୍ଣ୍ଣ ମହୀତଳେ । ୧୪ ।
କଳିରେ ହେବେ ତୀର୍ଥସ୍ଥାନ । ଭିକ୍ଷୁକ ହୋଇବେ ବ୍ରାହ୍ମଣ । ୧୫ ।
ଏହା ଯେ ପୂର୍ବରୁ ଅର୍ଜିତ । ବଇଦେହୀଙ୍କ ଶାପଗ୍ରସ୍ତ । ୧୬ ।
ଗର୍ଭରେ ଉଦୟ ସନ୍ତାନ । ଦଶ ମାସ ଯେ ଦଶଦିନ । ୧୭ ।
ଶେଷରେ ହୋଇବେ ଉତ୍ପନ୍ନ । ଆୟୁଷ ଶତବଂଶୁ ନ୍ୟୂନ । ୧୮ ।
ଅସ୍ଥି ଶୋଣିତ ମାଂସ ଥାଇ । ତଦୁପରରେ ଚର୍ମ ହୋଇ । ୧୯ ।
ନାଭିମଣ୍ଡଳେ ପଦ୍ମଯୋନି । ସର୍ଜଇ ଓଁକାରକୁ ଘେନି । ୨୦ ।
ତ୍ରିଗୁଣ ମିଶାଇ ସେ ଅଙ୍ଗେ । ଆବର ପଞ୍ଚ ଧାତୁ ରଙ୍ଗେ । ୨୧ ।
ଷଡରିପୁଟି ନବେଶିଲେ । ପାଞ୍ଚମନକୁ ସ୍ଥିତ କଲେ । ୨୨ ।
ସେ ଦେହେ ପଚିଶ ପ୍ରକୃତ । ଏକାଦଶ ଇନ୍ଦ୍ରିୟ ସ୍ଥିତ । ୨୩ ।
ଛଡ଼ ଦେବତା ଛଡ଼ଦେବୀ । ପଞ୍ଚାଶ ପ୍ରକୃତୀ ପଦବୀ । ୨୪ ।
ଊନପଞ୍ଚାଶ ଯେ ମରୁତ । ଚୌଷଠି ରୋଗର ସଙ୍ଗତ । ୨୫ ।

Digitized by PPRACHIN, SOA

ସାତବାରକୁ ସଙ୍ଗେ ନେଇ । କଣ୍ଠିକେ ନୃପପଦ ବନ୍ଧୁ । ୨୬ ।
ନବଗ୍ରହ ତିଥି ପନ୍ଦର । ସଂକ୍ରାନ୍ତିପୁରୁଷ ମନ୍ଦର । ୨୭ ।
ନକ୍ଷତ୍ର ସତାଇଶ ଯୋଗ । କଣ୍ଠରେ ଚଳାଏ ଅବଶ୍ୟ । ୨୮ ।
ଦ୍ୱାଦଶ ରାଶି ନବ ତାର । ସମ୍ପ୍ରବଂଶତ ଯୋଗ ଆର । ୨୯ ।
କରଣ ଅଟେ ଏକାଦଶ । ଚନ୍ଦ୍ର ଯେ ତହିଁର ଦ୍ୱାଦଶ । ୩୦ ।
ନାରୀ ପୁରୁଷ ହେବେ ଥାଇ । ଆନନ୍ଦେ ଯାଆ ଘୁମୁରଇ । ୩୧ ।
ରେଚକ ପୂରକ ତାଠକ । କୁମ୍ଭକ ଗୃହ ଜୀବନେକ । ୩୨ ।
ଊର୍ଦ୍ଧ୍ୱ ଧୂମ୍ର ଯେ ଜ୍ୟୋତି ଜ୍ୱାଳା । ଏହେ ଜୀବର ଷୋଳକଳା । ୩୩ ।
ପୁଣି କଥାଏ ଫାଲଗୁନ । ଅଛଇ ରୁଦ୍ରାଗ୍ନି ବଜ୍ରାଗ୍ନି । ୩୪ ।
ଅଭ୍ୟନ୍ତରାଗ୍ନି କାଳଅଗ୍ନି । ଏ ଗୃହ ମହିମା କ ବର୍ଣ୍ଣି । ୩୫ ।
ଏ ଆଦି ଅନାହତ ଘରେ । କ୍ରୀଡ଼ା କରନ୍ତି କ ରଙ୍ଗରେ । ୩୬ ।
ତ୍ରିବେଣୀ ଜଳେ କର ସ୍ନାନ । ବଙ୍କନାଳରେ ଦେବାର୍ଚ୍ଚନ । ୩୭ ।
ଏମନ୍ତେ ଗୁପତର ବାଣୀ । ଉପରେ ଚର୍ମର ଡାକୁଣୀ । ୩୮ ।
ଏମନ୍ତେ ସଂସାର ଉତ୍ପନ୍ନ । ଆହାରେ ରହିଲା ଜୀବନ । ୩୯ ।
ନାଭିରନ୍ଧ୍ରକୁ ଭେଦି ଦଶ । ଇନ୍ଦ୍ରସ୍ଥ ଚଳନ୍ତି ବିଶେଷ ॥ ୪୦ ॥
ନାମରେ ଭକ୍ତ ଜୀବେ ଦୟା । ଏତିକ ମାଣି ପୁଣ୍ୟକାୟା । ୪୧ ।
ଏ ମହାମନ୍ତ୍ରାଗ୍ରହଗଣେ । ଭଜି କୃତାର୍ଥ ହେବେ ପ୍ରାଣେ । ୪୨ ।
ତିନିଯୁଗର ନିରୂପଣ । ପ୍ରଳୟକାଳେ ହୋନ୍ତି ନାଶ । ୪୩ ।
ପ୍ରଭୁଙ୍କ ଦଶଅବତାରେ । ସୃଷ୍ଟି ପ୍ରଳୟ କ୍ରୀଡ଼ା କରେ । ୪୪ ।
କଳରେ ପାତ୍ରର ନିର୍ଣ୍ଣୟ । ନ ଥିବ ଆହାର ବିଷୟ । ୪୫ ।
ରାଜା ପ୍ରଜାର ଭିନ୍ନ ମତ । ଅନ୍ୟାୟେ ଚଳିବ ଜଗତ । ୪୬ ।
ପୂର୍ବରେ ହରିଶ୍ଚନ୍ଦ୍ର ରାଜା । ସୁଖରେ ପାଳିଲେ ପରଜା । ୪୭ ।
ସଗରବଂଶ ହେଲେ ନାଶ । ସତ୍ୟରେ ହେଲେ ଏ ପ୍ରକାଶ । ୪୮ ।
ତ୍ରେତୟୁଗେ ରାମରାଜ । ଦଶରଥଙ୍କର ଆତ୍ମଜ । ୪୯ ।
ଦ୍ୱାପରେ ଯେ ଉତ୍ତାନପାଦ । ଜାଣିକେ ଗିରିସ ପ୍ରମାଦ । ୫୦ ।

Digitized by PPRACHIN, SOA

କଳରେ ରାଜା ଯୁଧିଷ୍ଠିର । ହରଶ୍ଚନ୍ଦ୍ର ଭୋଜଶେଖର । ୫୧ ।
ବିକ୍ରମାଦିତ୍ୟ ନୃପଗଣ । ବିକ୍ରମସେନ ଗଉଡ଼ସେନ । ୫୨ ।
ନୈପାଳ ଭୂଟାନ ଈଶ୍ୱର । ପାଳବେ ପ୍ରଜାଙ୍କୁ ସୁଖର । ୫୩ ।
ନ୍ୟାୟକୁ କରି ଅଗ୍ରସରେ । ପୃଥିବୀ ପାଳବେ ନିଶ୍ଚିନ୍ତେ । ୫୪ ।
ମୋଗଲ ଶିଖ ରଜପୁତ । ବ୍ରାହ୍ମଣ ହେବେ ନରନାଥ । ୫୫ ।
ସେତେ ତ୍ରିକଣ୍ଠା ହନୁମାନ । ଅଂଶୀୟ ହୋଇବେ ରାଜନ । ୫୬ ।
ପୁତ୍ରସମାନ ପାଳି ପ୍ରଜା । ଉଡ଼ାଉଥିବେ ଜୟଧ୍ୱଜା । ୫୭ ।
ବିକ୍ରମୀ ହୋଇବେ ଅତ୍ୟନ୍ତ । ଆନନ୍ଦେ ପାଳିବେ ଜଗତ । ୫୮ ।
ଏମନ୍ତେ କଳିଯୁଗ କଥା । ଶୁଣ କହିଲ ଭଗ୍ନୀଭର୍ତ୍ତା । ୫୯ ।
ଅର୍ଜୁନ ହରଷ ହୋଇଲେ । ଶ୍ରୀହରି ଚରଣେ ଧାଇଲେ ॥ ୬୦ ॥

ଅର୍ଜୁନ ଉବାଚ ।

ପୁଚ୍ଛଇ ବେନି କର ଯୋଡ଼ି । ଅଚ୍ୟୁତାନନ୍ଦ ପାଦେ ପଡ଼ି । ୬୧ ।
ତୁ ନାଥ ଚତୁର୍ବର୍ଗଦାତା । ଇହସଂସାର ପିତା ମାତା । ୬୨ ।
କଳରେ ଯେବା ରାଜା ହେବେ । କେମନ୍ତ ଧର୍ମରେ ଚଳିବେ । ୬୩ ।
ଏ କଥା କହ ମୋ ଆଗର । ଶୁଣି ସନ୍ଦେହ ହେବ ଦୂର । ୬୪ ।

ଭଗବାନ ଉବାଚ ।

ଏମନ୍ତ ଶୁଣି ହୃଷୀକେଶ । କହନ୍ତି ଶୁଣ ପଣ୍ଡୁଶିଷ । ୬୫ ।
ଜଗତ ମଧ୍ୟେ ରାଜା ସାର । ପାଳିଣ ଗୁଣେ ଉପର । ୬୬ ।
ବସ୍ତ୍ରର କରେ କରାପକ୍ଷ । ଦଣ୍ଡ ଦିଅଇ ବେଦ ଲକ୍ଷ । ୬୭ ।
ସତ ଶାନ୍ତ ଯେ କ୍ଷମା ଦୟା । ଅଟଇ ଭୂପେ ସବ ମାୟା । ୬୮ ।
କାହାକୁ ଦଣ୍ଡ ଦେବା ଲେଖି । କାହାକୁ ସତ୍ୟ ଧର୍ମେ ସାକ୍ଷୀ । ୬୯ ।
ଗୁରୁଙ୍କୁ ନିତ୍ୟ ସେବା କର । ରାଜ୍ୟ ପାଳଇ ପିତା ପର । ୭୦ ।
ଏ ଆଦି ନୃପତିର ଧର୍ମ । କଳରେ ନ ପାଇବେ ମର୍ମ । ୭୧ ।
ନ୍ୟାୟର ନ ମାନିବେ ସୀମା । ଅନ୍ୟାୟ ପଥର ମହିମା । ୭୨ ।
ସବୁଦା ଥିବେ ଅନୁସର । ଗୁରୁଙ୍କୁ ଥିବେ ନିନ୍ଦା କରି । ୭୩ ।

Digitized by PPRACHIN, SOA

ପ୍ରଜାଙ୍କୁ ବୃଥାରେ ଦଣ୍ଡିବେ । ସୁଖରେ ପୁରକୁ ମଣ୍ଡିବେ । ୭୪ ।
ଦେବଅର୍ଚ୍ଚନ ପୂଜାବିଧି । ସର୍ବେ ହୋଇବେ ବିରୋଧୀ । ୭୫ ।
ବେଦବଚନ ତୁଚ୍ଛ ମଣି । ଅତିରସରେ ବୁଡ଼ି ପୁଣି । ୭୬ ।
ନାରୀକୁ କରିବେ ମୁକୁଟ । ମାଡିବେ ଦେଖି ଗୀତ ନାଟ । ୭୭ ।
ଛଗଡମାନ ଯେଉଁଠାରେ । ଲୋକ ଗହଳ ସେହିଠାରେ । ୭୮ ।
ବଜାଭିରାଷା ଶିକ୍ଷା କରି । ଧର୍ମର ପ୍ରତି ହେବେ ଅରି । ୭୯ ।
ସର୍ବଦା ଅସତ୍ୟେ ଚଳିବେ । ଦର୍ପରେ ହସି ମୋଡୁଥିବେ । ୮୦ ।
ନାନା କୁତ୍ସିତ ବାକ୍ୟ ଶୁଣି । ଆନନ୍ଦେ ଲୋଟିବେ ଧରଣୀ । ୮୧ ।
ସାଧୁଙ୍କୁ ଚର୍ଚ୍ଚି ନ ପାରିବେ । ବାତୁଳ ପରାୟେ ମଣିବେ । ୮୨ ।
ସତ୍ୟକୁ ଯେହ୍ନ ଅନ୍ଧପୁରେ । ଆହାର ବିନା ସେହ୍ନ ମରେ । ୮୩ ।
ଯେ ମିଥ୍ୟାପଥରେ ଚଳଇ । ଲକ୍ଷ୍ମୀ ତା କବୁ ନ ଛାଡ଼ଇ । ୮୪ ।
କୂଟ କପଟେ ନିଏ ଦିନ । ସମସ୍ତେ ବୋଲନ୍ତି ଏ ଧନ୍ୟ । ୮୫ ।
ସର୍ବ ହୋଇବ ବିପରୀତ । ନ ଥିବ ବେଦ ଜ୍ଞାନପଥ । ୮୬ ।
ବିଷୁମେ ଅମୃତ ମଣିବେ । କୁଟିଲେ ସ୍ନେହ ଆଚରିବେ । ୮୭ ।
ଏମନ୍ତେ କଳିଯୁଗ ରୀତି । ପୈଡ଼ କହିଲି ବର୍ଣ୍ଣିପତି । ୮୮ ।

ଭଗବାନ ଉବାଚ ।

ପୁଣି ଅର୍ଜୁନ ଜିଜ୍ଞାସଇ । ଶୁଣ ହେ ବ୍ରହ୍ମାଣ୍ଡଗୋସାଇଁ । ୮୯ ।
ଯେହ୍ନ ଅନ୍ୟାୟ ଆଚରିବେ । ସେ ସୁଖେ ଦିନ କଟାଇବେ । ୯୦ ।
କି ଗତି ହେବ ତା ଅନ୍ତରେ । କହ ଶ୍ରୀହରି ମୋତେ ବାରେ । ୯୧

ଭଗବାନ ଉବାଚ ।

ଶୁଣ ତୁ ବାସବନନ୍ଦନ । ଯେ ମାୟାମୋହେ ଛନ୍ନ । ୯୨ ।
ଅନ୍ତରେ କୁମ୍ଭୀପାକେ ପଡ଼େ । ଉତ୍ତପ୍ତ ତୈଳଭାଣ୍ଡେ ପୋଡ଼େ । ୯୩ ।
ପ୍ରାଣ ତା ନ ଛାଡ଼େ ଶରୀରୁ । ନ ଥିବ ହରିନାମ ସ୍ପୃରୁ । ୯୪ ।
ବହୁତ ଲଭୁଥିବ କ୍ଳେଶ । ଦେହଟି ହେଉଥିବ ଧ୍ୱଂସ । ୯୫ ।
ଯେମନ୍ତେ ବଣବାନନ୍ଦନ । ସୀତାଙ୍କୁ କଲେକ ହରଣ । ୯୬ ।

Digitized by PPRACHIN, SOA

ମରଣ କାଳେ ସୁଖ ଲାଗେ । ଭାବେ ଘଟିଲି ସଉଭାଗ୍ୟେ । ୯୭ ।
ଶେଷରେ ବଂଶ ଗଲି ନାଶ । ଆପଣେ ହେଲି ଅନ୍ତେ ଶେଷ । ୯୮ ।
ଏମନ୍ତ କଳିଯୁଗ ରୀତି । ଯେ ସୁଖ ସେ ଅଟେ ଦୁର୍ଗତି ।୯୯।
ଶୁଣି ଅର୍ଜୁନ ତୋଷମନ । କହଇ ଲକ୍ଷ୍ମୀନାରାୟଣ । ୧୦୦ ॥

ଇତି ଶ୍ରୀମଦ୍ କଳ୍କିପୁରାଣେ ବେଦାନ୍ତ ବ୍ରହ୍ମଜ୍ଞାନ କଥନେ ହରି ଅର୍ଜୁନ ସମ୍ବାଦେ ଧର୍ମାଧର୍ମ ବିଚାରଣେ କଳିର ଆଗମ ନିଗମ ବର୍ଣ୍ଣନେ ନାମ ଚତୁର୍ଥୋଽଧ୍ୟାୟଃ ॥

ପଞ୍ଚମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ସନ୍ତୋଷେ ପୁଚ୍ଛେ ଫାଲଗୁନ । ଶୁଣିବା ହେଉ ଚକ୍ରପାଣି । ୧
ଏମନ୍ତେ କଳିଯୁଗ ରୀତି । ହୃଦରେ କରଅଛୁ ସ୍ଥିତି । ୨ ।
ସେ କଳି ଆରମ୍ଭ କାଳରେ । କି ଦର୍ପ କଲି ପୃଥିବୀରେ । ୩ ।
କେମନ୍ତେ ରାଜା ବୋଲାଇଲି । ପ୍ରଜାଙ୍କୁ ସନ୍ତୋଷେ ପାଳିଲି । ୪ ।
ସେ କଥା କହ ହୃଷୀକେଶ । ଶ୍ରବଣେ ଯିବ ମୋ ସନ୍ଦେଶ । ୫ ।
ଘୋର କଳିର କଥା କହ । ଶ୍ରବଣେ ବଳିଛି ମୋ ସ୍ନେହ । ୬ ।

ଭଗବାନ ଉବାଚ ।

କହନ୍ତି ପ୍ରଭୁ ଦୟାମୟ । ଶୁଣ ହେ ବାସବତନୟ । ୭ ।
ଏ ଅଟି ଦୁର୍ଲଭ ଚରିତ୍ର । ଶୁଣି ସନ୍ତୋଷ କର ଚିତ୍ତ । ୮ ।
କଳିରେ ଯେତେ ଜନ ହେବେ । ସର୍ବେ ଅସତ୍ୟ ଆଚରିବେ । ୯ ।
ପୂର୍ବେ ତପସ୍ୟା ପୁଣ୍ୟଫଳେ । କେହୁ ବା ଚଳନ୍ତି ନିଶ୍ଚଳେ । ୧୦ ।
ସତ୍ୟକୁ କରେ ସର୍ବସାର । ଅନ୍ତରେ ଗମେ ଲୋକପୁର । ୧୧ ।
ଏମନ୍ତ ଲକ୍ଷ ମଧ୍ୟେ ଏକ । ଅର୍ଜୁନ ଦେଖିବୁ ପ୍ରତ୍ୟକ୍ଷ । ୧୨ ।
ସେ ନର ସଂସାର ବିରାଗୀ । ନିର୍ଲୋଭୀ ଯୋଗୀ ସର୍ବତ୍ୟାଗୀ । ୧୩ ।
ଚିତ୍ତପୁରରେ ସେହୁ କଳି । ରାଜା ପ୍ରମାଣେ ବ୍ରହ୍ମେ ଲୀନ । ୧୪ ।

Digitized by PPRACHIN, SOA

ରହିଛ ଅନନ୍ଦେ ବନରେ । ଅଜ୍ଞାକୁ ବହୁ ନଜ ଶିରେ । ୧୫ ।
ଅଜ୍ଞା ଯେ ସଂସାରରୁ ସାର । ଅଜ୍ଞାରେ ଚଳେ ତିନପୁର । ୧୬ ।
ଅଜ୍ଞାରେ ସିନ୍ଧୁ ଧରେ ଜଳ । ଅଜ୍ଞାରେ ପର୍ବତ ଅଚଳ । ୧୭ ।
ଅଜ୍ଞାରେ କେତେ ଅନ୍ଧକାର । ଉଦୟ ଚନ୍ଦ୍ର ଦିବାକର । ୧୮ ।
ଅଜ୍ଞାର ଏମନ୍ତ ମହିମା । କେହି ନ ଜାଣେ ଗୁଣସୀମା । ୧୯ ।
ଶୁଣି ଅର୍ଜୁନ ପଚାରଇ । ଆନନ୍ଦେ ଗଦଗଦ ହୋଇ । ୨୦ ।

ଅର୍ଜୁନ ଉବାଚ ।

ଭୋ ପ୍ରଭୁ ରାଜୀବଲୋଚନ । ପୁଣ୍ଡରୀକାକ୍ଷ ନାରାୟଣ । ୨୧ ।
ତୁ ନାଥ ଅଗତିର ଗତି । ଅଖିଳ ବ୍ରହ୍ମାଣ୍ଡର ପତି । ୨୨ ।
ତୋ ଠାରୁ ଅଜ୍ଞା ବଳଅର । କେବଣ ସ୍ଥାନୁ ଜନ୍ମ ତାର । ୨୩ ।
ସତ୍ୟେ କହ ଦୟାନିଧି । ତୁ ନାଥ କରୁଣାବାରିଧି । ୨୪ ।

ଭଗବାନ ଉବାଚ ।

କହନ୍ତି ବ୍ରହ୍ମାଣ୍ଡଠାକୁର । ଶୁଣ ହେ ମହେନ୍ଦ୍ରକୁମର । ୨୫ ।
ଏ କଥା ଅତି ପୁଣ୍ୟମୟ । ଶ୍ରବଣେ ନାହିଁ ଭବଭୟ । ୨୬ ।
ପୂର୍ଣ୍ଣଗିରିର ଦକ୍ଷିଣରେ । ଉଦୟଗିରି ବାସ କରେ । ୨୭ ।
ବାମରେ ଅସ୍ତଗିରି ରାଜେ । ମଧ୍ୟରେ ଗୁମ୍ଫାଏ ବିରାଜେ । ୨୮ ।
ତହିଁରେ ଭ୍ରମର ଯେ ଥାଇ । ତପ୍ରେ ପୁରେକ ସାଜଇ । ୨୯ ।
ତା ନାମ ଶ୍ରୀହଟ୍ଟପାଟଣା । ଯୋଗିମାନଙ୍କ ଶୂନ୍ୟଠଣା । ୩୦ ।
ତହିଁରେ ହଂସ ଖେଳୁଥାଇ । କାଳନ୍ଦୀଜଳେ ସନ୍ତରଇ । ୩୧ ।
କାଳନ୍ଦୀକୂଳେ କଳ୍ପବୃକ୍ଷ । ଉଲଟି ରହିଅଛି ଦେଖ । ୩୨ ।
ସେ ହଂସ ମୁଖ ଲାଞ୍ଜ ଯୋଡ଼ି । ରହିଛି ଉଲଟେ ଉପୁଡ଼ି । ୩୩ ।
ସେ ହଂସ ମୁଖେ ଅଜ୍ଞାଜାତି । ଅର୍ଜୁନ କହିଲଇଁ ସତ । ୩୪ ।
ଏତେ ନୟନେ ତପୋଧନ । କରିବେ ତପ ଆଚରଣ । ୩୫ ।
କଳରେ ଯେତେ ହେବ ଜୀବ । ଏହାକୁ ମଣିବ କୁପଥ । ୩୬ ।
ପାପରେ ଦିନ କଟାଇବେ । ନିଜ ବୁଦ୍ଧିକୁ ହରାଇବେ । ୩୭ ।

Digitized by PPRACHIN, SOA

ବ୍ରାହ୍ମଣେ ଛାଡ଼ିେ ବେଦ ଶାସ୍ତ୍ର । ଶିକ୍ଷା କରିବେ ଯନ୍ତ୍ର ତନ୍ତ୍ର । ୩୮ ।
ଏମନ୍ତେ ବହୁ ମହାଘୋର । ନର୍କେ ହୋଇବେ ହରବର । ୩୯ ।
ଏକଇ ବ୍ରାହ୍ମଣର କଥା । ଶୁଣ ଅର୍ଜୁନ ସାମରଥା । ୪୦ ।
ନାମ ଯେ ରତ୍ନମାଳା ତାର । ନିର୍ଗୁଣୀ ଯୋଗୀ ତପାଗ୍ରର । ୪୧ ।
ଏକଇ ଦିନେ ମୁନିବର । ଗମିଲେ ଗଙ୍ଗାନଦୀତୀର । ୪୨ ।
ସ୍ନାନାଦି କାର୍ଯ୍ୟ ଶେଷ କଲେ । ହସ୍ତରେ କୁଶକୁ ଧଇଲେ । ୪୩ ।
ଅଙ୍ଗରେ କଷ୍ଟବାସ ଶୋଭେ । ଯଜ୍ଞୋପବିତ କନ୍ଧେ ବନ୍ଧେ । ୪୪ ।
କଣ୍ଠରେ ସ୍ରକେ ବ୍ୟାଘ୍ର ଛାଲ । ତପୀଷ ସମନ୍ତ ଚହ୍ଲାଳ । ୪୫ ।
ତପସ୍ୟା କରିବାର ଆଶେ । ସମନ୍ତ କାଷ୍ଟର ଉଦ୍ଦେଶେ । ୪୬
ଏ କାଳେ ବିଧି ବିପରୀତ । କନ୍ୟା ହୋଇଲେ ଉପଗତ । ୪୭ ।
ଦେଖଇ ଅଗ୍ରେରେ ଆସୋନ୍ତି । ବନଦେଶରେ କେହି ନାହିଁ । ୪୮ ।
ଋଷିଙ୍କୁ ନୟନେ ଦେଖିଲା । ଗଦ୍‌ଗଦ ସ୍ୱରରେ ପୁଚ୍ଛିଲା । ୪୯ ।

କନ୍ୟା ଉବାଚ ।

ହେ ମୁନି କସ ନାମ ତୋର । ଯେଉ ତୁ କର ମୋ ଆଗର । ୫୦
କି ପନ୍ଥା ତୁ ଅବଲମ୍ବନ । କରନ୍ତୁ କହ ତୁ ବହନ । ୫୧ ।
ପାଣ୍ଡୁରବର୍ଣ୍ଣ ତୋର ଦେହ । କାଶ୍ୟଅବସ୍ଥା ଦୁରାଶୟ । ୫୨ ।
ବାତୁଳ ପରାଏ ତୁ ଦିଶୁ । ଏ ବେଶ କେଉଁ ଅଭିଳାଷୁଁ । ୫୩ ।
ବହନ୍ତୁ କହ ମୋ ଆଗର । ଶୁଣି ସଂଶୟ ହେବ ଦୂର । ୫୪ ।

ବିପ୍ର ଉବାଚ ।

କନ୍ୟା ବଚନେ ଦ୍ୱିଜ ବାଣୀ । ଶୁଣ ହେ ନୃପ-ଚୂଡ଼ାମଣି । ୫୫ ।
ରତ୍ନମାଳା ଯେ ନାମ ମୋର । ମୁଁ ଅଟେ ବ୍ରାହ୍ମଣକୁମର । ୫୬ ।
ତପସାଧନ କ୍ରିୟା ମୋର । ଛିଳେହେଁ ନାହିଁ ଅବସର । ୫୭ ।
ସଂସାର ମଧ୍ୟେ ସାର ଜାଣି । ତପ କରଇ ନୃପମଣି । ୫୮ ।
ଏହା ଯେ ବ୍ରାହ୍ମଣଙ୍କ ଧର୍ମ । ଯେହ୍ନ କହିଲ ତବେ ମର୍ମ । ୫୯ ।

Digitized by PPRACHIN, SOA

ଜଳ ଉବାଚ ।

ଶୁଣ ତପୀଶ ମୋର ବାଣୀ । କହଇ ଜଳ ନୃପମଣି । ୬୦ ।
ମୁ ମଧ ବ୍ରାହ୍ମଣକୁମର । ବନ୍ଧୁ ଦରଦ୍ର ମୋ ପିତର । ୬୧ ।
ବନ୍ଧୁ ତପସ୍ୟା ସାଧ କର । ଅନ୍ତରେ ହୋଇଲେ ଭିକାରୀ । ୬୨ ।
ବେଦାଦି କି ସ୍ମୃତ ଯେ ଧର୍ମ । କେବଳ ଅଟେ ମନଭ୍ରମ । ୬୩ ।
ତେଣୁ ମୁ ସବ ତୁଚ୍ଛ କଲି । ଅନ୍ତରେ ନୃପତି ହୋଇଲି । ୬୪ ।
ଆହାର ଅପ୍ରାପ୍ୟ ନୁହଇ । ଯେଣେ ମୋ ଇଚ୍ଛା ତେଣେ ଯାଇ । ୬୫
ମୋ ପୁରେ ଲକ୍ଷେ ଛନ୍ତି ରାଣୀ । ତନ୍ମଧ୍ୟେ ଏକ ପାଟରାଣୀ । ୬୬ ।
ସୁବର୍ଣ୍ଣମୟ ମୋର ପୁର । କେ ଅବା ଦେବ ପଟାନ୍ତର । ୬୭ ।
ଏମନ୍ତେ ଅନାୟାସ ରୀତ । ଅନ୍ତରେ ଲଭଇ ମୁକତ । ୬୮ ।
ତୁ ବିପ୍ର ତପଆଦି ତୁଚ୍ଛ । ମୋହର ପୁରେ ହୁଅ ବାସ । ୬୯ ।
ଶତ ରାଣୀଙ୍କୁ ବଭା ହେବୁ । ଆନନ୍ଦେ ବଭୂତି ଭୋଗିବୁ । ୭୦ ।
କାହିଁ ତୋହର କନ୍ଥାଭାର । ବହନେ ଆସ ମୋ ସଙ୍ଗର । ୭୧ ।
ଏଥିରେ ନ କର ତୁ ଭୀତ । ତୋ ଆଗେ କହିଲି ସମ୍ପ୍ରତ । ୭୨ ।
ଏମନ୍ତ ଜଳର ବଚନ । ବିପ୍ର ତା କର୍ଣ୍ଣେକ ଶ୍ରବଣ । ୭୩ ।
ମାୟା ତା ବୁଝି ନ ପାରନ୍ତି । କନ୍ଥାଦି କାଟି ପକାଇନ୍ତି । ୭୪ ।
ସମସ୍ତ ଛାଡ଼ ଯୋଗାଭ୍ୟାସ । ଚଳିଲା ଜଳର ଆବାସ । ୭୫ ।
ଶତରାଣୀଙ୍କୁ ବଭା ହେଲା । ବଭୂତି ସବ ଭୋଗ କଲା । ୭୬ ।
ପାପ ଆଚରେ ପୁନଃପୁନ । କିଛି ନ ରହେ କାଣ୍ଡଜ୍ଞାନ । ୭୭ ।
ଏମନ୍ତେ କିଛିଦିନ ଗଲା । ଶୁଣ ଅର୍ଜ୍ଜୁନ ଯାହା ହେଲା । ୭୮ ।
ବିପ୍ରର ଏକ ନାରିବର । ବଟପତ୍ର କୁବେଭାର । ୭୯ ।
କରନ୍ତେ ଦେଖି ବିପ୍ରବର । ହୋଇଲା ମନେ କ୍ରୋଧଭର । ୮୦ ।
ବଟପଦ୍ମରୁକ୍ଷେ ଦେଖିଲା । ଅତି କ୍ରୋଧରେ ଶାପ ଦେଲା । ୮୧ ।
ମନୁଷ୍ୟ ଯୋନି ହେଉ ତୋର । କାଠ ରହନ୍ତୁ ତନ୍ମଧର । ୮୨ ।
ଜଳ ନାରୀଙ୍କୁ ଶାପ ଦେଲା । ପାଷାଣ ହୁଅ ତୁ ବୋଇଲା । ୮୩ ।

Digitized by PPRACHIN, SOA

ତେଣୁ ତା ରମଣୀ କହଇ । ତୁ ବିପ୍ର ହୋଇଲୁ କି ବାଇ । ୮୪ ।
ଛାଡ଼ିଲୁ ସର୍ବ ଧର୍ମ କର୍ମ । ଅନ୍ତରେ ହେଲୁ ମତିଭ୍ରମ । ୮୫ ।
ପରମହଂସ ପଥ ଛାଡ଼ି । ପାପକର୍ମରେ ଅଛୁ ବୁଡ଼ି । ୮୬ ।
ସରବ କ୍ଲେଶ ଅକାରଣ । ତପରେ ନୋହିଲା କାରଣ । ୮୭ ।
ତୁ ଭଣ୍ଡ ବୋଲାଉ ତପସ୍ୱୀ । କେଣେ ଗଲା ସେ ତପରାଶି । ୮୮ ।
ନାହିଁ ତୋହର କାଣ୍ଡଜ୍ଞାନ । କାହିଁର ହୋଇଲୁ ନନ୍ଦନ । ୮୯ ।
ଅଗମ୍ୟପଥକୁ ଗମିଲୁ । ଏବେ ତୁ ହଟହଟା ହେଲୁ । ୯୦ ।
ତୋହର ଶାପ ମୋହ ପର । ଘଟିବ ନାହିଁ ଦ୍ୱିଜବର । ୯୧ ।
ଯେମନ୍ତ ସୁଧାଭାଣ୍ଡେ ନେଇ । ସାମାନ୍ୟ ବିଷ ଯେ ପକାଇ । ୯୨ ।
ସମସ୍ତ ହୋଇ ଯାଏ ବିଷ । ତେମନ୍ତ ଗଲା ତୋର ଯଶ । ୯୩ ।
ତୁ ପୂର୍ବ ଉପାୟଟି ଧର । ଏ ଭବାର୍ଣ୍ଣବୁଁ ହେବୁ ପାର । ୯୪
ଏମନ୍ତେ ବେନ ଜନ ବାଣୀ । କହିଲେ ହୋଇବ କାହାଣୀ । ୯୫ ।
ଶୁଣି ଅର୍ଜ୍ଜୁନ ମନସ୍ଥିରେ । ଯୋଗୀଙ୍କ ପ୍ରସିଦ୍ଧ ସଂସାରେ । ୯୬ ।
ନାମକୁ କରିଥିବୁ ଲକ୍ଷ୍ୟ । ଯେହେତୁ ଖଣ୍ଡିବ ଭବଭୟ । ୯୭ ।
ନାମର ମହିମା ଅଶେଷ । କହିଲୁ ଯେତେ ପଞ୍ଚଶିଷ । ୯୮ ।
ଶ୍ରୀହରି ଅର୍ଜ୍ଜୁନ ସମ୍ବାଦ । ଶୁଣିଲେ ନ ଘଟେ ପ୍ରମାଦ । ୯୯ ।
କହଇ ଲକ୍ଷ୍ମୀନାରାୟଣ । ପଞ୍ଚମ ଅଧ୍ୟା ହେଲା ପୂର୍ଣ୍ଣ । ୧୦୦ ।

ଇତି ଶ୍ରୀମତ୍ କଳ୍କିପୁରାଣେ ବେଦାନ୍ତ ବ୍ରହ୍ମଜ୍ଞାନ କଥନେ ଶ୍ରୀକୃଷ୍ଣ ଅର୍ଜ୍ଜୁନ ସମ୍ବାଦେ କଳି ଆଗମନେ ବ୍ରାହ୍ମଣ ଦୋଷାଦୋଷବର୍ଣ୍ଣନେ ନାମ ପଞ୍ଚମୋଧ୍ୟାୟଃ ।

ଷଷ୍ଠ ଅଧ୍ୟାୟ ।

ଅର୍ଜ୍ଜୁନ ଉବାଚ ।

ଶ୍ରୀହରି ପଙ୍କଜଚରଣେ । ଅର୍ଜ୍ଜୁନ ପଡ଼ି ଅନୁକ୍ଷଣେ । ୧
ବୋଲଇ ହୋଇ କୃତକୃତ । ତୁ ପ୍ରଭୁ ଜଗତର ନାଥ । ୨ ।

Digitized by PPRACHIN, SOA

ତୋହର ମୁଖ ସୁଧାମୟ । ଭାଷା ଶ୍ରବଣେ ଜନ୍ମେ ସ୍ନେହ । ୩ ।
ଆଉ ଏକଇ କଥା ମୋର । ସ୍ମରଣ ହେଲା ଚକ୍ରଧର । ୪ ।
ପୃଥିବୀ ହୀନବୀର୍ଯ୍ୟ ହେବ । ଶସ୍ୟ କେମନ୍ତେ ଉପୁଜିବ । ୫ ।
ଶସ୍ୟରେ ମାନବ ଜୀବନ । ରହିବ ଏ ଧ୍ରୁବ ବଚନ । ୬ ।
ସୃଷ୍ଟି କେମନ୍ତେ ହେବ ତହିଁ । ସ୍ପଷ୍ଟ କହ ଭାବଗ୍ରାହୀ । ୭ ।

ଭଗବାନ ଉବାଚ ।

ଶୁଣି କହନ୍ତି ମୁରଅରି । ଶୁଣ ମୋ ଗିର ବ୍ରହ୍ମାର । ୮ ।
ଦ୍ୱିତୀୟ କୃଷ୍ଣ ତୁ ବୋଲାଉ । ମୋତେ ତୁ ଭିନ୍ନାଭିନ୍ନ ନୋହୁ । ୯ ।
ତେଣୁ ମୁଁ କହଇ ଗୁପତ । ଶୁଣ ଗାମ୍ଭିର ହୋଇ ଚିତ୍ତ । ୧୦ ।
ସତ୍ୟରେ ସର୍ବ ଆତଯାତ । ଅସତ୍ୟେ ହେବ ସର୍ବ ଲୁପ୍ତ । ୧୧ ।
ସତ୍ୟରେ ସୋମଦିବାକରଁ । ନପୃତେ ଚଳନ୍ତି ନିକର । ୧୨ ।
ସତ୍ୟରେ ଜଳ ରତ୍ନାକରେ । ନ ଲଙ୍ଘି କୂଳ ଥାଏ ଧୀରେ । ୧୩ ।
ସତ୍ୟରେ ଗ୍ରହଙ୍କ ଚଳଣ । ପୃଥିବୀ ଚନ୍ଦ୍ରର ମିଳଣ । ୧୪ ।
ଏପରି ସତ୍ୟର ମହିମା । ତାହାକୁ କି ଦେବ ଉପମା । ୧୫ ।
ଅମନ ସୁମନଙ୍କୁ ଜାଣି । ବସେ ପରମ ମହାବଳୀ । ୧୬ ।
ସେଠାରୁ ସତ୍ୟର ଉତ୍ପତ୍ତି । ଶୁଣ ତୁ ପଣ୍ଡୁର ସନ୍ତତି । ୧୭ ।
ସେଠାରୁ ତ୍ରିବେଣୀ ବହଇ । ଶଙ୍କର ମଥାରେ ପଡ଼ଇ । ୧୮ ।
ସେହି ତ୍ରିବେଣୀ କଳ୍ପବୃକ୍ଷ । ଉଲଟେ ରହିଅଛି ଦେଖ । ୧୯ ।
ଜଳ ଅନଳ ଅନିଳରେ । ବୃକ୍ଷଟି ପଲ୍ଲବେ ରୁଚିରେ । ୨୦ ।
ବୃକ୍ଷଛାୟାରେ ହଂସ ବସେ । ପରମେ ଲକ୍ଷ୍ୟ କର ତୋଷେ । ୨୧ ।
ଜଳେ ଶଙ୍କରେ ଶୁଷ୍କ ଥିବ । ପତ୍ର ତା ଯାଉଁଳି ପଡ଼ିବ । ୨୨ ।
ଛାୟା ନ ପାଇ ରାଜହଂସେ । ପଳାଇ ଯିବ ଇନ୍ଦ୍ରଦିଶେ । ୨୩ ।
କଳିରେ ଯେତେ ବୃକ୍ଷ ହେବେ । ଜଳବହ୍ନିରେ ନାଶ ଯିବେ । ୨୪ ।
ଯେତେ ବା ଥିବ ଅବଶେଷ । ସେ ସତ୍ୟଚୂର୍ଣ୍ଣ ପରକାଶ । ୨୫ ।
କେତେ ବା ଯାଉଁଳି ପଡ଼ିବ । ତକ୍ଷକେ ନରଙ୍କ ଖାଦ୍ୟ ହେବ । ୨୬ ।

Digitized by PPRACHIN, SOA

ଖାଦ୍ୟ ହୋଇଲେ ହେବ କସ । ଫଳରେ ନ ରହିବ ରସ । ୨୭ ।
ଫଳ ନ ହୋଇବ ବିଶେଷ । ପୁଷ୍ପରେ ନ ରହିବ ବାସ । ୨୮ ।
ବୃକ୍ଷରେ ଫଳ ନ ଫଳିବ । ଅକାଳେ ନଦୀ ବଢ଼ି ହେବ । ୨୯ ।
ଅକାଳେ ବର୍ଷିବ ଜଳ । ଶସ୍ୟକ୍ଷେତ୍ରକୁ ହେବ କାଳ । ୩୦ ।
ଝଞ୍ଜା ମରୁତ ବେଗେ ଯିବ । ଲୋକଙ୍କ ଗୃହ ଭାଙ୍ଗିଦେବ । ୩୧ ।
ନଦୀ ତା ଆଣିବ ଉପାଳ । ପ୍ରାଣୀ ଅବସ୍ଥା ନୁହେ କହି । ୩୨ ।
ଏଣେ ହୋଇବ ଶସ୍ୟ ନାଶ । ଜନେ ଲଭିବେ ବହୁକ୍ଳେଶ । ୩୩ ।
ସ୍ବାର୍ଥରେ ଜାତି ହରାଇବେ । ବାଢ଼ ବୃତ୍ତିକୁ ବଳ ଦେବେ । ୩୪ ।
ମିଥ୍ୟାବଚନ ଆଚରିବେ ଦୁଃଖରେ କୁଟୁମ୍ବେ ଗଳିବେ । ୩୫ ।
ଏମନ୍ତେ ହୋଇବେ ଭିକାରୀ । ଅନ୍ନ ବିହୀନେ ଯିବେ ମରି । ୩୬ ।
ବହୁତ ରୋଗ ଆଦି ବେଢ଼ି । ହିତ କରାଇ ପିଣ୍ଡ ପଡ଼ି । ୩୭ ।
ଶେଷରେ ପ୍ରାଣୀକୁ ନାଶିବେ । ସତ୍ୟପଥରେ ବାଧା ଦେବେ । ୩୮ ।
ଅସତ୍ୟେ ଏମନ୍ତ ଘଟିଲା । ଶୁଣ ଅର୍ଜୁନ ମନ ଦେଇ । ୩୯ ।
ଏହା କେ ବୁଝି ନ ପାରିବେ । ବୃଥାରେ କର୍ମକୁ ନିନ୍ଦିବେ । ୪୦ ।
ପଡ଼ିବେ ଯାଇ ମୋହପାଶେ । ମାରିବେ କର ବକ୍ଷ ଦେଶେ । ୪୧ ।
ଅସାଧୁ ସାଧୁ ହୋଇବେ । ସାଧୁଙ୍କୁ କେହି ନ ପୁଚ୍ଛିବେ । ୪୨ ।
ମନେ ବହିବେ ଲଡ଼ପଣ । ଶୃଗାଳ ହେବେ ବଳୀଜନ । ୪୩ ।
ଥୋକାଏ ଜନ୍ମିବେ ଏମନ୍ତେ । ପିତା ଅର୍ଜିତ ଧନ ଯେତେ । ୪୪ ।
ବ୍ୟର୍ଥରେ ଦେବେ ସେ ଉଡ଼ାଇ । ଭିକ୍ଷା କରିବେ ପରେ ଯାଇ । ୪୫
ନିନ୍ଦିବେ ବୃଥାରେ ସ୍ବକର୍ମ । କୁଟୁମ୍ବ ମେଳେ ମତିଭ୍ରମ । ୪୬ ।
ଭ୍ରମକୁ ସଂଶୋଧନ ଅର୍ଥେ । ଚିତ୍ତ ନ ଦିଅନ୍ତି କଦାଚିତେ । ୪୭ ।
ଯେବେ ବା ଥିବ ଧନଶାଳୀ । ଯେତେଣେ ଇଚ୍ଛା ତା ଯିବ ଚଳି । ୪୮ ।
ଆହାରେ ବ୍ୟବହାରେ ତାର । ଚିତ୍ତ ନ ଦେବ ମୂଢ଼ନର । ୪୯ ।
ଯବନ ହସ୍ତରେ ଭକ୍ଷିବେ । କୁକ୍କୁଟ ବଂଶକୁ ନାଶିବେ । ୫୦ ।
ନାନାଦି କରିବେ କୁକର୍ମ । ଏଡ଼ିବେ ସ୍ବ ଲକ୍ଷ୍ମୀ ଧର୍ମ । ୫୧ ।

Digitized by PPRACHIN, SOA

ଯନକୁ ଅନ୍ୟ ବୋଲି ଜାଣି । ହଂସା ବହିବେ ଚୂଳ ମଣି । ୫୨ ।
ସମସ୍ତ ବ୍ରହ୍ମ ଧର୍ମଭାଗେ । ଏକ ଯେ କହିଲୁଁ ତୋ ଆଗେ । ୫୩ ।
ଏ ବ୍ରହ୍ମ ଏହାର ମୂଳବ । ଏ ଦାସ ଅଟେ ଏହା ଠାବ । ୫୪ ।
ଏହି ଏହାକୁ କୂଟ କରେ । ସିଦ୍ଧିର ଜଗମେ ନ ପେଟେ । ୫୫ ।
ଏ ବ୍ରହ୍ମ ଏକ ହୋଇ ଜାତ । ଦ୍ୱିବିଧରୂପେ ଧରଣତ । ୫୬ ।
ଜୀବ ପରମ ବେଦ ବାଣୀ । ଆଦ୍ୟ ଅନ୍ତରେ ଏକ ପୁଣି । ୫୭ ।
ଏହା ଯେ ଜରଠେ ଜାଣଇ । ଅନ୍ୟର ବ୍ରହ୍ମକୁ ଚହ୍ନଇ । ୫୮
ତେବେ ସେ ଲଭଇ ମୁକତ । ତୋତେ ତୁ ତାହା ଭର୍ଗ ପତ । ୫୯ ।
ମୂଳଟି ପବନ ସୋପାନ । ତାହାକୁ କରିଅ ଅଧୀନ । ୬୦ ।
ଯେଣିକ ଇଚ୍ଛା ତେଣେ ଯିବ । ରୋଗ ବ୍ୟାଧିକୁ ନ ଦେଖିବ ।୬୧ ।
ପବନ ସଙ୍ଗେ ପ୍ରୀତି କର । ଊନପଞ୍ଚାଶକୁ ଜବାର । ୬୨ ।
ମକାର ବନ୍ଦୁ ଯନ୍ତୁଁ ଜାତ । ତମ୍ବରୁ ରେଖା ତହୁଁ ଖ୍ୟାତ । ୬୩ ।
ଯୋନିକର୍ଣ୍ଣିକା ଚନ୍ଦ୍ରା କର । ହେଲେ ତରିବେ ଭବଦ୍ୱାର । ୬୪ ।
ଶୂନ୍ୟ ଦେଉଳ ତୋ ଦେହରେ । ଦେଖ ତୁ ପାର୍ଥ ମନସ୍ଥିରେ ।୬୫।
ଦିଅଁ ଅଛନ୍ତି ଅନ୍ଧକାରେ । ଜ୍ଞାନଦୀପକୁ ଜାଳ ବାରେ । ୬୬ ।
ଦେଖିବୁ ତହୁଁ ନିରଞ୍ଜନ । ଚତୁରେ ରଖ ତୁ ଚୈତନ୍ୟ । ୬୭
ଜ୍ୟୋତରେ ଜ୍ୟୋତି ତୁ ମିଶାଅ । ଉର୍ମି ଧର୍ମକୁ ଜାଣିଥାଅ । ୬୮
ଆପନାଦେବଙ୍କ ଦର୍ଶନ । କେବଳ ଭକ୍ତିର ସୋପାନ । ୬୯ ।
ଦେହ-ଦେବତା ପୂଜା କର । ନିଶ୍ଚୟ ଲଭିବୁ ନିସ୍ତାର । ୭୦ ।
ହ କ୍ଷ ଯେ ଉଭୟ ଅକ୍ଷର । ଭେଦେ ଯେ ମନେ କରି ସ୍ଥିର । ୭୧ ।
ସେ ଦ୍ୱାରେ ବାଲ ସମ ବାଟ । ଲାଗିଛି ସୂକ୍ଷ୍ମ ଏକବାଟ । ୭୨ ।
ବଜ୍ରକଳଣି ଦିଏ ଫେଡ଼ । ଆଗୁ ପଦ୍ମରେ ଥାଏ ଗଢ଼ । ୭୩ ।
ଅଗ୍ନି ସଂଯୋଗେ ହୁଏ ମୁକ୍ତ । ନ ପଡ଼େ ଯମର ଆୟତ୍ତ । ୭୪ ।
ସକଳ ପାପ କ୍ଷୟ ହୁଏ । ଅନ୍ତରେ ସ୍ୱର୍ଗପୁରେ ଯାଏ । ୭୫ ।
ଜ୍ଞାନଦୀପକୁ ଦିଅ ଜାଳି । ପାପତମିସ୍ର ଯାଉ ଜଳି । ୭୬ ।

Digitized by PPRACHIN, SOA

ଜ୍ଞାନରେ ଚନ୍ଦ୍ର ଚିନ୍ତା କର । ଉଦେ ହୋଇବେ ଗୋ ଦେହର ।୭୭ ।
ହୋଇବ ଅଙ୍ଗ ପୁଲକିତ । ଏ ଅତି ଗୁପତୁଁ ଗୁପତ । ୭୮ ।
ତୋତେ କହିଲି ସବୁ ଫେଇ । ଶୁଣ ଅର୍ଜ୍ଜୁନ ମନଦେଇ । ୭୯ ।
ଆତ୍ମର ଯନ୍ତ୍ରର କଥା ଏ । ଶୁଣିଲେ ପାପ ଦୂର ହୁଏ ।୮୦।
କଳରେ ଯେତେ ଲୋକ ହେବେ । ଆଶାକୁ ଅନୁସରି ଥିବେ । ୮୧ ।
ସେ ଆଶା ପ୍ରବଳ ହୋଇବ । ଶେଷରେ ସମସ୍ତ ରକ୍ଷିବ । ୮୨ ।
ଚେଷ୍ଟ ଘଟିବ ହାହାକାର । ଷଠକମଳ ଅଧିକାର । ୮୩ ।
ମଧ୍ୟରେ ଶୁଷୁମ୍ନାରି ନାଳୀ । ଯୋନିକର୍ଣ୍ଣିକା ମଧ୍ୟେ ଗଳି । ୮୪ ।
ସୂତ୍ରେକ ବସାଇଛୁ ଧାତା । ରହିଲା ମନ ଦିବ୍ୟ ଚେତା । ୮୫ ।
ତାହାର ରାଣୀ କଲ୍ୟାଣିନୀ । ଆଶା ଯେ ତାହାର ନନ୍ଦିନୀ । ୮୬ ।
ଦେବୀ ଦର୍ପରେ ତୁଷ୍ଟହେବ । ପଣି ନ ପାରିଲେ ତା ଠାବ । ୮୭ ।
ମନ ଯେ ଦାସତ୍ୱ ବହିଲା । ଦେବୀଙ୍କୁ ନିଜ ରାଣୀ କଲା । ୮୮ ।
ଆଶାର ଏଠାରୁ ଉତ୍ପନ୍ନ । ସୁଆଶା ଦ୍ୱାରା ଦିବ୍ୟଜ୍ଞାନ । ୮୯ ।
ଜ୍ଞାନରୁ ଭକ୍ତିର ଉତ୍ପତ୍ତି । ଏମନ୍ତେ ଭକ୍ତ ବୋଲାଇଅନ୍ତି । ୯୦ ।
କୁଆଶା କ୍ଲେଶ ପ୍ରଦାୟିନୀ ପ୍ରାଣର ସମୂଳ ନାଶିନୀ । ୯୧ ।
ଏ ଆଶା ଯାହାଠାରେ ଥାଇ । ତାଙ୍କୁ କଷ୍ଟହିଁ ନ ଅଶ୍ୱାଇ । ୯୨ ।
ଆଶାରୁ ସୃଷ୍ଟି ଏ ଜଗତ । ଆଶାରୁ ପ୍ରଳୟ ଏ ସତ । ୯୩ ।
ଆଶା କଲ୍ପନେ ପ୍ରଦ୍ୱୟୋନୀ । ଜନ୍ମିଲେ ବିଷ୍ଣୁ ଅଂଶ ଯେଣି । ୯୪ ।
ଆଶାରେ ବେଦ ଭେଦାଭେଦ । ଲୋଳଯେ ଘଟଇ ପ୍ରମାଦ । ୯୫ ।
ସତ୍ୟ ଆଶ୍ରିତ ଯେତୁ ନର । ଲୋଳଯେ ନୁହଇ ବିକାର । ୯୬ ।
ସତ୍ୟ ବିକାରହୀନଜନ । ତାହାର ବୈକୁଣ୍ଠ ସଦନ । ୯୭ ।
ମିଥ୍ୟାରେ ଘଟଇ ପ୍ରଳୟ । ଅନ୍ତରେ ସତ୍ୟର ଆଶ୍ରୟ । ୯୮ ।
ସତ୍ୟପଥଟି ଜ୍ଞାନସାର । କହିଲି ପାର୍ଥ ଗୋ ଥାଗର । ୯୯ ।
ଶ୍ରବଣେ ସନ୍ତୋଷ ଅର୍ଜ୍ଜୁନ । କହଇ ଲକ୍ଷ୍ମୀନାରାୟଣ । ୧୦୦ ।

ଇତି ଶ୍ରୀମତ କଳ୍କିପୁରାଣେ ବେଦାନ୍ତ ବ୍ରହ୍ମଜ୍ଞାନ କଥନେ ଶ୍ରୀହରି ଅର୍ଜ୍ଜୁନ ସମ୍ବାଦେ ଫଳରସବର୍ଣ୍ଣନେ ନାମ ଷଷ୍ଠୋଽଧ୍ୟାୟଃ ।

Digitized by PPRACHIN, SOA

ସପ୍ତମ ଅଧ୍ୟାୟ ।

ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ଯୋଡ଼ ବେନି ପାଣି । କହେ ହେ ପ୍ରଭୁ ଯଦୁମଣି । ୧ ।
ନିଖିଳ ବ୍ରହ୍ମାଣ୍ଡ ବିଧାତା । ସୃଜନପାଳନକରତା । ୨ ।
ତବ ମହିମା ଅଦିଅନ୍ତ । ନ ପାରେ ଜାଣି ପଦ୍ମଜାତ । ୩ ।
ମୁଁ ଛାର ଜାଣିବି ବା କାହୁଁ । ମୋ ପ୍ରତି କୃପା ଚିତ୍ତ ହେଉ । ୪ ।
ହେ ବିଭୁ ଅନାଦିକାରଣ । କଂସାରି ଶ୍ରୀ ମଧୁସୂଦନ । ୫ ।
ଗଜଉଦ୍ଧାର ବାସୁଦେବ । ବିକାର ମାଧବ ଯାଦବ । ୬ ।
ତବ ବଚନ ସୁଧାମୟ । ଶ୍ରବଣେ ବଳଇ ମୋ ସ୍ନେହ । ୭ ।
କଥାଏ ପଡ଼ିଲା ମୋ ମନେ । ପୁଛଇଁ ତବ ସନ୍ନିଧାନେ । ୮ ।
କଳିରେ ତବ ଭକ୍ତ ଯେହୁ । କେମନ୍ତେ ପୂଜିବେ ମହାବାହୁ । ୯ ।
ତୁମ୍ଭର ନାମେ କରି ନାବ । ପାରି ହୋଇବେ ବାସୁଦେବ । ୧୦ ।
କେମନ୍ତେ ବଞ୍ଚିବେ ସଂସାରେ । ସେ କଥା କହ ମୋ ଆଗରେ । ୧୧

ଭଗବାନ ଉବାଚ ।

ହସି କହନ୍ତି ଭଗବାନ । ଶୁଣ ତୁ କୋଇନ୍ତୀନନ୍ଦନ । ୧୨ ।
ଚାରି ଧର୍ମର ଲୋକ ହେବେ । ଶୁଣ କହୁଛି ତାହା ଏବେ । ୧୩ ।
ବ୍ରହ୍ମଚର୍ଯ୍ୟ ଯେ ଏକ ଧର୍ମ । ଶୁଣ କହଇ ତାର ମର୍ମ । ୧୪ ।
ବ୍ରହ୍ମର୍ଷି ପାଦେ ଯେ ଖଟନ୍ତି । ସେ ବ୍ରହ୍ମଚାରୀ ବୋଲାଅନ୍ତି । ୧୫ ।
ସୂର୍ଯ୍ୟକିରଣେ ଦୃଷ୍ଟି ଥାଇ । ଚୌଦିଗେ ଅଗ୍ନି ଜଳୁଥାଇ । ୧୬ ।
ଯୋଗଆସନ ପଞ୍ଚ ଭିଡ଼ । ଉଜାଣି ସାଧି ସବୁ ଏଡ଼ି । ୧୭ ।
ଶୀତ ବରଷା ଗ୍ରୀଷ୍ମ ତବି । ସହନ୍ତି ବ୍ରହ୍ମଜ୍ଞାନୀ ଲୋକ । ୧୮ ।
ବାମ୍ଭୁ ଯୋଗରେ ଦିଏ ହସ୍ତ । ରହନ୍ତି ଶୂନ୍ୟରେ କଥିତ । ୧୯ ।
ଦ୍ୱାଦଶ ବର୍ଷ ତପ କଲେ । ସ୍ୱର୍ଗକୁ ଚଳନ୍ତି କଷ୍ଟେ ଲେ । ୨୦ ।
ଏମନ୍ତ ବ୍ରହ୍ମଚର୍ଯ୍ୟ ଧର୍ମ । ବ୍ରହ୍ମସାଧନ ଏହା ମର୍ମ । ୨୧ ।
ବାନପ୍ରସ୍ଥ ଯେ ଧର୍ମ ହୋଇ । ଦେଶ ଦେଶ ଯେ ଭ୍ରମୁଥାଇ । ୨୨ ।

Digitized by PPRACHIN, SOA

ନାନାଦି ତୀର୍ଥ ବ୍ରତ କରେ । ସିଦ୍ଧିର ଯୋଗକୁ ସୁମରେ । ୨୩ ।
ଉଦାସୀପଣେ ଭ୍ରମୁଥାଇ । ଧ୍ୟାନଯୋଗକୁ ବିବର୍ଜଇ । ୨୪ ।
ନାନା ଦେବତା ବଶ କରେ । ମନର ସୁଖରେ ବିହରେ । ୨୫ ।
ଜନଙ୍କ ହିତକାର୍ଯ୍ୟ କରେ । ଅନ୍ତେ ଚଳଇ ସ୍ୱର୍ଗପୁରେ । ୨୬ ।
ଏମନ୍ତ ବାନପଥାଶ୍ରମ । ସିଦ୍ଧିଯୋଗଟି ଏହା ମର୍ମ । ୨୭ ।
ଆବର ଗୃହଖାନ ଧର୍ମ । ନାଗାନ୍ତ ଆଦି ତାର ମର୍ମ । ୨୮ ।
ଅଲେଖ ଅଘୋର ଯେ ମତ । ଭ୍ରମୁଣଥିବେ ଇତଃସ୍ତତ । ୨୯ ।
ଯହିଁ ଲଭନ୍ତ ଯାହା ଯାହା । ଗର୍ଭକୁ କ୍ଷେପୁଥାନ୍ତ ତାହା । ୩୦ ।
ଆହାରେ ନ ଥାଇ ବିକାର । ସଦା ଚଳନ୍ତ ନିର୍ବିକାର । ୩୧ ।
ସୁମାର୍ଗ ଅନୁସରଥାନ୍ତ । ଶ୍ମଶାନେ କରନ୍ତି ବସତ । ୩୨ ।
ଏଥନ୍ତେ ଗୃହସ୍ଥ ଆଶ୍ରମ । ବ୍ରହ୍ମକୁଟୁମ୍ବୀ ଯାର ମର୍ମ । ୩୩ ।
ପିତା ମାତାଦି ଭାର୍ଯ୍ୟା ମେଳେ । କାଳକ୍ଷେପନ୍ତ କୁତୂହଳେ । ୩୪ ।
ବହୁତ କ୍ଲେଶ ଭୋଗ କରେ । ମାୟାଭ୍ରମରେ ଥାନ୍ତ ପୂରି । ୩୫ ।
କୁଟୁମ୍ବ ଦୁଃଖରେ ଦୁଃଖିତ । ସଦା ହୁଅଇ ସନ୍ତାପିତ । ୩୬ ।
ସେ-ଯେବେ ନାମରେ ବିଶ୍ୱାସ । କରଇ ଦମ୍ଭ ଯେ ବିଶେଷ । ୩୭ ।
ଜୀବକୁ ଏକ ବୋଲି ମଣି । ନିମିଷେ ହରପଦ ଗୁଣି । ୩୮ ।
କରନ୍ତ ଗୀତା ଅଧ୍ୟୟନ । ଶାସ୍ତ୍ରାଦି କରନ୍ତ ପଠନ । ୩୯ ।
ଚଳନ୍ତ ବେଦ ଅନୁସରେ । ନିତ୍ୟ ହୁଅନ୍ତ ସଦାଚାରୀ । ୪୦ ।
ଡଉଚ ଦେବାଦି ଅର୍ଚ୍ଚନ । କରନ୍ତ ପୁଲକିତ ମନ । ୪୧ ।
ସେ ଜନ ଧନାଢ୍ୟ ହୁଅନ୍ତ । ପୁତ୍ରାଦି ଘେନ ସୁଖେ ସ୍ଥିତି । ୪୨ ।
ଯେ ଜନ କରେ ଅଭିମାନ । ଲୋକସମାଜେ ହୁଏ ଗଣ୍ୟ । ୪୩ ।
ସେ ଯେବେ ମୋତେ ସେବା କରେ । ଧନଚ୍ୟୁତରେ ଦୀନ ହରେ ।
ଶେଷରେ ହୁଏ ମୋକ୍ଷଗତ । ଯମର ଆସୃତ୍ତ ନୁହନ୍ତି । ୪୫ ।
ଏମନ୍ତେ ନର ଧର୍ମାଚାର । ଗୃହସ୍ଥଧର୍ମ ଅଟେ ସାର । ୪୬ ।
ଗୃହସ୍ଥଧର୍ମେ ଯେଣୁ ବୁଦ୍ଧି । ନିତ୍ୟପଥକୁ ଥିବେ ହୃଦି । ୪୭ ।

Digitized by PPRACHIN, SOA

ତାହାଙ୍କ ନାହିଁ ପରତ୍ରାଣୀ । ଚଳନ୍ତି ଶମନସଦନ । ୪୮ ।
ମୁ ଶବ୍ଦ ଅତ୍ୟନ୍ତ ପ୍ରମାଦ । କହିଲି ସେଡ଼ ଏହା ଭେଦ । ୪୯ ।
ମୁ ବୋଲି ମୋତେ ଯେ ନ ଭଜେ । କୁମ୍ଭିପାକରେ ଅନ୍ତେ ମଜ୍ଜେ ॥
ଏମନ୍ତେ ଧର୍ମ ଭିନ୍ନ ଭିନ୍ନ । କହିଲି ସେଡ଼ ମୁ ଅର୍ଜ୍ଜୁନ । ୫୧ ।

ଅର୍ଜ୍ଜୁନ ଉବାଚ ।

ପୁଣି ଅର୍ଜ୍ଜୁନ ଜିଜ୍ଞାସଇ । ଶୁଣସି ବ୍ରହ୍ମାଣ୍ଡଗୋସାଇଁ । ୫୨ ।
କଳିରେ ଯେତେ ନର ହେବେ । ଅଧର୍ମେ ଦିନ କଟାଇବେ । ୫୩ ।
ପିତା ପୁତ୍ରର କେଉଁ ପର । ଧର୍ମାର୍ଥ କହ ତୁ ବିସ୍ତାର । ୫୪ ।
ଘୋର କଳିର କଥା କହ । ଶୁଣି ମୋ ଫିଟିବ ସନ୍ଦେହ । ୫୫ ।

ଭଗବାନ ଉବାଚ ।

ଶୁଣି କହନ୍ତି ନନ୍ଦାତ୍ମଜ । ଶୁଣ ତୁ ପଣ୍ଡୁର ତନୁଜ । ୫୬ ।
ସେ କଥା ଅତି ସୁଧାମୟ । ଶ୍ରବଣେ ନାହିଁ ଯମଭୟ । ୫୭ ।
ସେ କଳିକାଳର ବିଧାନ । ଶୁଣ ତୁ କହୁଛି ଅର୍ଜ୍ଜୁନ । ୫୮ ।
ପୌଗଣ୍ଡ ନାମରେ ବ୍ରାହ୍ମଣ । ସେ ବିପ୍ର ନ୍ୟାୟପରାୟଣ । ୫୯ ।
ହରିନାମରେ ସୁଧାରସ । ପିଅଇ ହୋଇଣ ହରଷ ୬୦ ।
ଦିଶଇ ଯେମନ୍ତ ବାତୁଳ । କୀର୍ତ୍ତନ କରେ ଅନୁକୂଳ । ୬୧ ।
ତା ପୁଅ ନାମ ସନାତନ । କରଇ କୁଠ ଆଚରଣ । ୬୨ ।
ସତ୍ୟର କାର୍ଯ୍ୟ ବିପରୀତ । କରଇ ହାରି ଜ୍ଞାନପଥ । ୬୩ ।
ପିତାକୁ ବାତୁଳ ମଣଇ । କୁଭକ୍ଷ ଭୋଜନ କରଇ । ୬୪ ।
ଦାଣ୍ଡେ ପିତାକୁ ବୋଲେ ଦାସ । ଦିଅଇ ପିତା ମନେ ତ୍ରାସ । ୬୫ ।
ପ୍ରହାର କରେ ଅନୁକ୍ଷଣ । ପିତା ଯେ ଲଭନ୍ତି କଷଣ । ୬୬ ।
ଏମନ୍ତେ ଗଲା କେତେଦିନ । ଶୁଣ ଅର୍ଜ୍ଜୁନ ଦେଇ ମନ । ୬୭ ।
କୋଷ୍ଠ ଘଟିଲା ପୁଅ ଦେହେ । ପ୍ରାଣ ମୁର୍ଚ୍ଛିଲା ରୋଗଭୟେ । ୬୮ ।
ଏମନ୍ତ କଳିର ବିସ୍ତର । ଶୁଣ ଅର୍ଜ୍ଜୁନ ଏ ଅନ୍ତର । ୬୯ ।
କଳିର ଶେଷ ହେବା କାଳେ । ଘଟିବ ଅଘଟ ନିଶ୍ଚଳେ । ୭୦ ।

Digitized by PPRACHIN, SOA

ତାହା କହନ୍ତି ଶୁଣ ପାର୍ଥ । ଶ୍ରବଣେ ହୃଷ୍ଟ କର ଚିତ୍ତ । ୭୧ ।
ଉଦ୍ଧକରଣ ହେବ କ୍ଷୟ । ଦ୍ୱାପରେ କାର୍ଯ୍ୟର ନିର୍ଣ୍ଣୟ । ୭୨ ।
ଜଳରେ ମତ୍ସ୍ୟ ନ ରହିବେ । ଶୃଗାଳ ଡାଳରେ ବସିବେ । ୭୩ ।
ଶ୍ରୀକ୍ଷେତ୍ରେ ବୌଦ୍ଧଅବତାରେ । ପୂଜା ପାଇବ ନିରନ୍ତରେ । ୭୪ ।
ଦେଉଳ ଧରିବ ସୁଦର୍ଶନ । ବନ୍ଦ ହୋଇବ ସତ୍ୟ ଜାଣ । ୭୫ ।
ତହିଁରୁ ପ୍ରସ୍ତର ଖସିବ । କାହାକୁ ଘାତ ନ କରିବ । ୭୬ ।
ଗରୁଡ଼ସ୍ତମ୍ଭେ ଗୃଧ୍ରପକ୍ଷୀ । ବସିବ ଶ୍ମଶାନ ଉପେକ୍ଷି । ୭୭ ।
ନର ଭକ୍ଷିବେ ନରମାଂସ । ସମ୍ଭୁ ଅବିଦ୍ୟା ଯେ ପ୍ରକାଶ । ୭୮ ।
ବୃଷ୍ଟି ସଙ୍ଗତେ ଅଣୀଶ୍ୱାଶ । ବହିବ ମରୁତ ବଶେଷ । ୭୯ ।
ଗ୍ରହ ନକ୍ଷତ୍ର ତିଥି ବାର । ଜୀବ ପରମ ଏକାକାର । ୮୦ ।
ସର୍ବ ଦେବତା ହେବେ ଠୂଳ । ଜୀବ ପରମ ଗଣ୍ଡଗୋଳ । ୮୧ ।
ବ୍ରାହ୍ମଣ ହେବେ ଶୂଦ୍ରଶିଷ୍ୟ । ଗାରଢ଼ କରିବେ ଅଭ୍ୟାସ । ୮୨ ।
ଚର୍ମକାର ଯେ ହେବେ ରାଜା । ତା ସୁତା ତେଲିର ଭାରିଯା । ୮୩ ।
ମନ୍ତ୍ରୀ ହୋଇବେ ତନ୍ତ୍ରକାରୀ । ବ୍ରାହ୍ମଣେ ହୋଇବେ ପ୍ରହରୀ । ୮୪ ।
ଧ୍ୱଂସ ହୋଇବେ ନାରୀବଂଶ । ଯୋଗିନୀ କରୁଥିବ ଗ୍ରାସ । ୮୫ ।
ସାଧ୍ୱୀ ସତୀତ୍ୱ ନାଶ ଯିବ । ଗାଈଙ୍କ ଦୁଗ୍ଧ ଶୁଷ୍କ ହେବ । ୮୬ ।
ଉହ୍ଲୁ କେହି ନ ଚହ୍ନିବ । ଲୌକ୍ୱ ଯେ ପ୍ରସିଦ୍ଧ ହୋଇବ । ୮୭ ।
ମୂର୍ଖ ହୋଇବେ ସୁଜ୍ଞଜନ । ସୁରାଦି ଭକ୍ଷିବେ ବ୍ରାହ୍ମଣ । ୮୮ ।
ଏମନ୍ତେ ନୀଚକାର୍ଯ୍ୟ କର । ନିଜର ମୁକ୍ତିପଥ ଦ୍ୱାର । ୮୯ ।
ଉପ୍ନଙ୍କ ସଙ୍ଗେ ମିଳି ରହି । ନାନାଦି କ୍ଲେଶମାନ ସହି । ୯୦ ।
ଦିନ କାଟିବେ ମୂର୍ଖଭାବେ । ମୋ ତତ୍ତ୍ୱ ସମସ୍ତ ଏଡବେ । ୯୧ ।
ତେଣୁ ଆୟୁଷ ହେବ ଅଳ୍ପ । ପାପରେ ନ ରହିବ କଳ୍ପ । ୯୨ ।
ଯେ ଜୀବ ପରମରେ ଭେଦି । ସେ ଷଡ଼ଚକ୍ରକୁ ସମ୍ପାଦି । ୯୩ ।
ଅଲୁପାନନ୍ଦଙ୍କୁ ଦେଖିବ । ଜନ୍ମ ମରଣେ ବସୁରବ । ୯୪ ।
ସେ ଜନ ଯେଉଁଠାରେ ଥାଇ । ଶୁଣ ଅର୍ଜୁନ ମନଦେଇ । ୯୫ ।

Digitized by PPRACHIN, SOA

ସେ ନାମବନ୍ଧୁ ସୁଧାପାନ । କରନ୍ତି ଜନେ ମୋର ମନ । ୯୬ ।
ମୁଁ ତାର ଆଗ ପଛୁ ହୋଇ । ଛାଇ ପ୍ରକାର ସଦା ଥାଇ । ୯୭ ।
ଯେମନ୍ତେ ନ ଘଟେ ପ୍ରମାଦ । ସେ ମୋର ହୃଦୟ ସମ୍ପଦ । ୯୮ ।
ଶୁଣ ଅର୍ଜୁନ ମତ ଦେଇ । ସେ ନର ମୋ ଦେହେ ମିଶଇ । ୯୯ ।
ତାହାଙ୍କୁ ନ କରବ ସାନ । ସେ ଭକ୍ତ ମୋହର ସମାନ । ୧୦୦ ।
ଶ୍ରୀହରି ଅର୍ଜୁନ କଥନ । କହଇ ଲକ୍ଷ୍ମୀନାରାୟଣ । ୧୦୧ ।
ଇତି ଶ୍ରୀମତ୍‌କଳ୍କିପୁରାଣେ ବେଦାନ୍ତ ବ୍ରହ୍ମଜ୍ଞାନ କଥନେ ଶ୍ରୀହରି ଅର୍ଜୁନ ସମ୍ବାଦେ ଗୀତା ପୁଣି ଧର୍ମାଧର୍ମ ବର୍ଣ୍ଣନେ ନାମ ସପ୍ତମୋଽଧ୍ୟାୟଃ ।

—○:※:○—

ଅଷ୍ଟମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ପଚ୍ଛ ବନ୍ଦି ପାଦେ । ପୁଚ୍ଛଇ ମାନସ ଆହ୍ଲାଦେ । ୧ ।
ହେ ପ୍ରଭୁ ଭକ୍ତଙ୍କ ବତ୍ସଳ । ଦୁଃଖିତ ସୋଦର ନନ୍ଦବାଳ । ୨ ।
ପଣ୍ଡରୀକାକ୍ଷ ମମ ବନ୍ଧୁ । ଶ୍ରୀଧର କରୁଣାର ସିନ୍ଧୁ । ୩ ।
ଅନନ୍ତ ମାଧବ ମୁରାରି । ଅଚ୍ୟୁତାନନ୍ଦ ଶଙ୍ଖଧାରୀ । ୪ ।
ପ୍ରଳମ୍ବ ନାଶନ ଗୋପାଳ । ଶ୍ରୀହରି ବସୁଦେବବାଳ । ୫ ।
ତବ ମୁଖରୁ ସୁଧାଭାଷ । ଶ୍ରବଣେ କଲେ ମୋ ମାନସ । ୬ ।
ତେଣୁ ମୋହର ବଳେ ସ୍ନେହ । କଳ୍କିପୁରାଣ ସୁଧାମୟ । ୭ ।
ଶ୍ରବଣେ ଦୁରିତ ଧ୍ୱଂସନ । ହୋଇବ ଧ୍ରୁବ ଏ ବଚନ । ୮ ।
କଳିରେ ହନୁମତ ସାର । କେ ଭଜେ କେବଣ ପ୍ରକାର । ୯ ।
ସେ କଥା କହ ମୋ ଆଗର । ଶୁଣି ସନ୍ଦେହ ହେବ ଦୂର । ୧୦ ।

ଭଗବାନ ଉବାଚ ।

ଶୁଣି କହନ୍ତି ନାରାୟଣ । ଅର୍ଜୁନ ଏକମନେ ଶୁଣ । ୧୧ ।
ମୁଁ ଆଦିମାତାଠାରୁ ଜାତ । ବ୍ରହ୍ମା ଶଙ୍କର ମୋର ଭ୍ରାତ । ୧୨ ।
ଆତ୍ମାସ୍ୱରୂପ ମୁହିଁ ଥାଇ । ପ୍ରାଣୀଙ୍କ ଦେହେ ବସଇ । ୧୩ ।

Digitized by PPRACHIN, SOA

ମୋହର ଏହି ଚତୁର୍ଭୁଜ । ବେଦଟି ସଂସାରେ ଅଭ୍ରଜ । ୧୪ ।
ଆବର ଯେଉଁ ଶିଶୁବେଦ । ମୂର୍ତ୍ତିଟି ସତ୍ୟରେ ପ୍ରସିଦ୍ଧ । ୧୫ ।
ଶଙ୍ଖ ଚକ୍ର ଯେ ପଦ୍ମ ଗଦା । ଧର୍ମଟି ପ୍ରସିଦ୍ଧ ସର୍ବଦା । ୧୬ ।
ସମାତ ପୁଣି ନିତ୍ୟାନନ୍ଦ । ଅଭବନ୍ତ ଯେ ଜ୍ଞାନାନନ୍ଦ । ୧୭
ଯେ ଭକ୍ତ ଯେମନ୍ତ ଭଜଇ । ତାହାର ଫଳକୁ ଲଭଇ । ୧୮ ।
ତେଣୁ ଭକତ ମୋର ଗୁରୁ । ବଶ୍ୟ କେତେ ଭୂ ପଶୁରୁ । ୧୯ ।
ଭକ୍ତବତ୍ସଲ ନାମ ମୋର । ଭକ୍ତକୁ ନ କରେ ମୁ ପର । ୨୦ ।
ଭକ୍ତର ଶିର ହୃଦେ ଦେଖ । ଏହାକୁ କରନ୍ତି ପଦକ । ୨୧ ।
ଏ ଅଟେ କଉସ୍ତୁଭ ମଣି । ଯେତ କହିଲ ବୀରମଣି । ୨୨ ।
ମୋହର ଦଶ ଅବତାର । ଦେଖ ଅର୍ଜୁନ ତୋ ଶରୀର । ୨୩ ।
ପ୍ରଥମେ ମୀନରୂପ ହୋଇ । ମାତା ଗର୍ଭରେ ସଞ୍ଚରଇ । ୨୪ ।
ଜନ୍ମ ଲଭନ୍ତେ କୂର୍ମରୂପ । ଅର୍ଜୁନ ଦେଖ ତୋ ସ୍ୱରୂପ । ୨୫ ।
ବିଗ୍ରହେ ମୃତ୍ତିକା ଭକ୍ଷଣ । କରଇ ବାଳୁତ ନନ୍ଦନ । ୨୬ ।
ନୃସିଂହକାଳେ ଦେହବର୍ଦ୍ଧ । ବହୁତ କୋପୀ ହୁଏ ଶିଷ । ୨୭ ।
ବାମନେ ଗୁଲ ଶିକ୍ଷା କରେ । ପର୍ଶୁରାମ ଯେ ଅବତାରେ । ୨୮ ।
ସ୍ମରବୟସ୍ତ ବାଳ ସଙ୍ଗେ । କଳହ କରେ ନାନା ରଙ୍ଗେ । ୨୯ ।
ରାମାବତାରେ ବହ୍ନ୍ୟାଶାଳେ । ଶିକ୍ଷା କରଇ ବଦ୍ୟା ହେଲେ । ୩୦ ।
ବହୁତ ଅର୍ଜିଲ ପ୍ରହାର । କେଶରେ ପୁତ୍ରାଏ ବାସର । ୩୧ ।
କୃଷ୍ଣାବତାରେ ହରେ ଗୋପୀ । ପୁଣି ହୁଅଇ ଘଣକୋପୀ । ୩୨ ।
ତ୍ରିଂଶବୟସଠାରୁ ବୌଦ୍ଧ । ଶାନ୍ତ ନ କରଇ ବିବାଦ । ୩୩ ।
ନେତ୍ରେ ସମସ୍ତ ଦେଖୁଥାଇ । କାହାକୁ କିଛି ନ କହଇ । ୩୪ ।
ଦେଖି ଅଦେଖା ସମ ହୋଇ । ଶୁଣିଣ ବଧିର ବୋଲଇ । ୩୫ ।
ବୟସର ଯୋଗ୍ୟ ଯେଉଁ କର୍ମ । ସାଧଇ ନି ବାହ୍ମଣ ଧର୍ମ । ୩୬ ।
ଅନ୍ତେ କଳଙ୍କି ଅବତାର । କଣ୍ଟକମାନଙ୍କେ ସଂହାର । ୩୭ ।
ସମସ୍ତ ପରେ କ୍ରୋଧ ବହେ । ପ୍ରାଣୀଙ୍କୁ ଅଭିଶାପ ଦିଏ । ୩୮ ।

Digitized by PPRACHIN, SOA

ଶେଷେ ଏ ଲୀଳା ସ୍ମରଣ । କରଇ ସମସ୍ତ ଏଢଣ । ୩୯ ।
ଏମନ୍ତେ ଦଶ ଅବତାର । ପ୍ରାଣୀ ଲଭନ୍ତି ନିରନ୍ତର । ୪୦ ।
ମୋହର ଭକ୍ତ ଯେତେ ହୋନ୍ତି । ସୁଖରେ ଦିନ କଟାବନ୍ତି । ୪୧ ।
ଯେମନ୍ତେ ଚୈତନ୍ୟରେ ଋଷି । ରାମନାମକୁ ଥିଲେ ଘୋଷି । ୪୨ ।
ଦ୍ୱାପରେ ହୋଇଲେ ସେ ଗୋପୀ । କଳିରେ ହେବେ ଚୋର ଠୋପି ।
ଯେମନ୍ତେ ବେଣୁବନ ଥିଲା । ଏ କୁରୁସମର ଦେଖିଲା । ୦୪ ।
ତେମନ୍ତ ଦେଖିବେ ସମସ୍ତ । କେଳି କରିବେ ଅଦଭୁତ । ୪୫ ।
ପରମ ଦର୍ଶନେ ଦୁର୍ଲଭ । ଦେବୀ କରାଟେ ଧଡ଼େ ଜୀବ । ୪୬ ।
ଯୋଡିବ ହେଲେ ଅନ୍ଧକାର । ନ ଥିବ ବନ୍ଧୁତା ବେଭାର । ୪୭ ।
ନାରୀ ପୁଂସଙ୍କୁ କଷ୍ଟ ଦେବେ । ନତୁବା ଦାସ କରାଇବେ । ୪୮ ।
ଧନପୂର୍ଣ୍ଣେ ଦେବେ ମନ । ତାଙ୍କର ସଙ୍ଗେ ନେବେ ଦିନ । ୪୯ ।
ଦାଣ୍ଡରେ ବୋଲାଇବେ ସତୀ । ପୁଣି ଭ୍ରାତାର ସଙ୍ଗେ ପ୍ରୀତି । ୫୦ ।
ହୋଇବ ଅଘଟ ଘଟଣ । ଅକୁଳା ହୋଇବେ କୁଳିନା । ୫୧ ।
ଶାଶୁ ଶ୍ୱଶୁରେ ତାଡ଼ ଦେବେ । କୁଟୁମ୍ବେ ଦ୍ରୋହ ଆଚରିବେ । ୫୨ ।
ସ୍ୱାମୀଙ୍କୁ ପ୍ରବର୍ତ୍ତନା ଦେଇ । ଭିନ୍ନ ହୋଇବେ କଳି ଭ୍ୟାଇ । ୫୩ ।
ସ୍ୱଶୁଙ୍କ ସଙ୍ଗେ ପାପାଚାର । କୁପଥେ କରିବେ ବିହାର । ୫୪ ।
ଦାଣ୍ଡେ ତପସ୍ୱୀ ବୋଲାଇବେ । କୁପଥେ ଦିନ କଟାଇବେ । ୫୫ ।
ବୋଲିବେ ବିଶ୍ୱାସ ଦେଖାଇ । ଅନ୍ଧକୁ ଚକ୍ଷୁ ଦେଲ ମୁହିଁ । ୫୬ ।
ଶ୍ରବଣ ପାଇଣ ବଧିର । ତୋ ଦୁଃଖ କେତେକ ମାତର । ୫୭ ।
ବନ୍ଧ୍ୟା ଦେବ ପୁତ୍ରଦାନ । ଚିରଜୀବୀ ହେବ ତୋ ନନ୍ଦନ । ୫୮ ।
ଏମନ୍ତେ ଗୁହ୍ୟବାକ୍ୟ ଭଣି । ବଢ଼ିବ ଦେଇ ତାକୁ ପ୍ରାଣୀ । ୫୯ ।
ସତ୍ୱ ହରିବେ ତାହାର । ଏମନ୍ତ କଳିର ବିଚାର । ୬୦ ।
ପ୍ରାଣୀଏ ପାପ ଆଚରିବେ । ମହୀରେ ଅକୀର୍ତ୍ତି ରଖିବେ ୬୧ ।
ପଡ଼ିବ ଯମର ଆବୃତ୍ତ । କୁଟୁମ୍ବେ ହୋଇବେ ଆରତ । ୬୨ ।
କାନ୍ଦିବେ ନାମ ଗୁଣ ସ୍ମରି । ଦୁର୍ବଳ ହେବେ ଝୁରି ଝୁରି । ୬୩ ।

Digitized by PPRACHIN, SOA

ଶବକୁ କର୍ବେ ଯେନସ୍ତବେ । ଅଗ୍ନି ମୁଖରେ ଜାଳି ଦେବେ । ୬୪ ।
ମୃତବ୍ୟକ୍ତିର ଯେ ନନ୍ଦନ । କରିବ ମୁଖେ ଅଗ୍ନିଦାନ । ୬୫ ।
ନୋହିଲେ ମାଟିରେ ପୋତିବେ । କି ଅବା ଜଳେ ନିକ୍ଷେପିବେ । ୬୬ ।
ଶୃଗାଳ ଆଦି ସ୍ଥଳଚର । ମାଂସ ଭକ୍ଷିବେ ଜଳଚର । ୬୭ ।
ଆବର ଯେ ପଞ୍ଜରକାଠି । ଗୃଧ୍ର ଯେ ଖାଇବେ ତା ବାଛି । ୬୮ ।
ତାହାର କୁଟୁମ୍ବ ଯେ ଥିବେ । ଦ୍ୱାଦଶ ଦିବସ ପାଳିବେ । ୬୯ ।
ତଦନ୍ତେ ଶୁଦ୍ଧଶୌଚ ହୋଇ । ଆନନ୍ଦେ ଦିନ କାଟୁଥାଇ । ୭୦ ।
ଏମନ୍ତେ ପ୍ରାଣୀଙ୍କ କଷଣ । ତୋ ଆଗେ କହିଲି ଅର୍ଜୁନ । ୭୧ ।

ଅର୍ଜୁନ ଉବାଚ ।

କହେ ଅର୍ଜୁନ ଯୋଡ଼ି କର । ଶୁଣହେ ପ୍ରଭୁ ଦାମୋଦର । ୭୨ ।
ଯେ ନର କରେ ଅତ୍ୟାଚାର । ସେ ଯିବ ଶମନ ଆଗାର । ୭୩ ।
କେମନ୍ତେ ଶମନସଦନ । ବୁଝାଇ କହ ନାରାୟଣ । ୭୪ ।

ଭଗବାନ ଉବାଚ ।

ହସି କହନ୍ତି ଦେବରାଜ । ଶୁଣ ହେ ବୀରଙ୍କ ଅଗ୍ରଜ । ୭୫ ।
ଯେମନ୍ତ କୃତାନ୍ତ ସଦନ । କହୁଛି ଶୁଣ ହେ ଅର୍ଜୁନ । ୭୬ ।
ସେ ପୁର ଅତ୍ୟନ୍ତ ବିକାର । ଉଷ୍ଣ ମନ୍ଦର ଶୀତପୁର । ୭୭ ।
କାହିଁ ଜଳୁଛି ଅଗ୍ନିକୁଣ୍ଡ । ତେଲ ଉତପ୍ତ ହୁଏ ଭାଣ୍ଡ । ୭୮ ।
କୁମ୍ଭୀପାକ ଯେ ନର୍କକୁଣ୍ଡ । ଦୂତେ ମାରନ୍ତି ଲୌହଦଣ୍ଡ । ୭୯ ।
ପାପୀଙ୍କୁ ଧରି ନିକ୍ଷେପନ୍ତି । ସେ ଦେହ କାଠ ଭକ୍ଷୁଥାନ୍ତି । ୮୦ ।
ଉପରେ ଜଗେ ଲୌହକାକ । ପାପୀଙ୍କୁ ଦେଉଥାଏ ଦୁଃଖ । ୮୧ ।
କାହିଁ ତା ବସିଅଛି ହାଠ । ପାପୀଙ୍କୁ ନୁହେ ସେହି ଭେଠ । ୮୨ ।
ଏ ସବୁ ଦେଖ ତୋ ଦେହରେ । ସ୍ୱର୍ଗ ନରକ ଏହିଠାରେ । ୮୩ ।
ମୃତ୍ୟୁଦେବତା ପ୍ରତ୍ୟକ୍ଷେ ବସେ । ଦେଖ ତୁ ମନର ବଶୋବସେ । ୮୪ ।
ଜୀବ ପରମ ଏକ ରୀତି । ହୋଇଲେ ନାହିଁ ତଳେ ସ୍ଥିତ । ୮୫ ।
ନୋହିଲେ କର୍ମ ଅନୁସାରେ । ଫଳ ଲଭଇ ସେ ସେପରେ । ୮୬ ।

Digitized by PPRACHIN, SOA

ତେଣୁ କର୍ମଟି ମୂଳ ବୀଜ । ଅର୍ଜୁନ ଏକମନେ ହେଜ । ୮୭ ।
ଶ୍ରୀତ ଊର୍ଦ୍ଧ୍ୱ ଗର୍ଭେ ଥାଇ । କମଳ ମଧ୍ୟେ ବିରାଜଇ । ୮୮ ।
କର୍ମଟି ଲଲାଟେ ର ଥାଇ । ଶୁଣ ଅର୍ଜୁନ ମନ ଦେଇ । ୮୯ ।
ଏମନ୍ତେ କନ୍ଦରାଣ ପୁର । ବଙ୍କାରେ ପକ୍ଷୀ ସେ ଆଗାର । ୯୦
ଦଣ୍ଡ ଅଟଇ କାଳପାଶ । ବାହନ ଅଟଇ ମହିଷ । ୯୧ ।
ସେ ସ୍ଥାନେ ବଣ୍ଡୁନାମ ଧ୍ୟାନ । ନ ପଶେ ଭାସ୍କରନନ୍ଦନ । ୯୨ ।
ସ୍ୱସ୍ତ ଦୋଷରୁ ପାବୁଁ ତାର । ଶୋଣିତ ବହେ ନିରନ୍ତର ୯୩ ।
ଯେ କାଳେ ତୋହର ନନ୍ଦନ । ଛେଦିଣ ତୋହର ଆନନ । ୯୪
ବ୍ରହ୍ମାଙ୍କ ହେତୁ ଜୀବ ପାଉ । ଏ ସ୍ଥାନେ କରନ୍ତି ବୋଲାଉ । ୯୫ ।
ସେ କାଳେ କୁଭାନ୍ତ ବେଦନା । ହରନ୍ତି କୃପା ବହୁ ଘିନା । ୯୬ ।
ଏମନ୍ତେ ଈଶ୍ୱର ଚରିତ । ଶୁଣ ଅର୍ଜୁନ ଦେଇ ଚିତ୍ତ ୯୭ ।
କଳିରେ ଯେବା ଜାତ ହେବେ । ଲଗ୍ନ ନୟମେ ଏ ଭୋଗିବେ । ୯୮ ।
ତୁଟିବେ ସବୁ ଅପରାଧ । ଛନ୍ଦିବେ କର୍ମକୁ ନିୟତ ୯୯ ।
ମୁଁ ହୋଇଥିବ ବୌଦ୍ଧ ବେଶ । ପିଠାଇ କହିଲି ସନ୍ଦେଶ । ୧୦୦ ।
ଶୁଣି ସାନନ୍ଦ ଅରଜୁନ । କହଇ ଲକ୍ଷ୍ମୀନାରାୟଣ । ୧୦୧ ।
ଇତି ଶ୍ରୀମତ୍ କଳ୍କିପୁରାଣେ ବେଦାନ୍ତ ବ୍ରହ୍ମଜ୍ଞାନ କଥନେ ଶ୍ରୀହରି ଅର୍ଜୁନ ସମ୍ବାଦେ ଘୋର କଳିକଥା ବର୍ଣ୍ଣନେ ନାମ ଅଷ୍ଟମୋଽଧ୍ୟାୟଃ

ନବମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ପୁଣି ଅର୍ଜୁନ ପଚାରଇ । ଭୋ ପ୍ରଭୁ ବ୍ରହ୍ମାଣ୍ଡଗୋସାଇଁ । ୧ ।
କେମନ୍ତେ ବୌଦ୍ଧ ଅବତାର । ବହିବ ଦେବ ମାୟାଧର । ୨ ।
କି ଲୀଳା କରନ୍ତ ମର୍ତ୍ତ୍ୟର । ସେ କଥା କହ ଦାମୋଦର । ୩ ।

Digitized by PPRACHIN, SOA

ଶ୍ରୀ ଭଗବାନ ଉବାଚ ।

କହନ୍ତି ପ୍ରଭୁ ନାରାୟଣ । ଶୁଣ ହେ ବୀର ଅରଜୁନ । ୪ ।
ଏ କଥା ଅତ୍ୟନ୍ତ ଗୁପତ । ଶୁଣ କହୁଛି ପଣ୍ଡୁସୁତ । ୫ ।
ସୁଗ୍ରୀବ ବାଳି ବୈରପଣରେ । ମାଡିଲେ ସେ ମଲ୍ଲଯୁଦ୍ଧରେ । ୬ ।
ସେକାଳେ ଗୁପ୍ତଭାବେ ରହି । ବାଳୀକୁ ପ୍ରାଣେ ବଧିଲଇଁ । ୭ ।
ତାହାର ଅଭିଶାପ ଏବେ । ଫଳିବ କହିଲି ତୋ ଠାବେ । ୮ ।
ଜାରାଶବର ହେବ ଜାତ । ସେହିଟି ଅଟେ ବାଳିସୁତ । ୯ ।
ସେହିଟି ମୋତେ ବନାଶିବ । ଦେହ ମୁ ପାଲଟିବଧିବ । ୧୦ ।
ସମୁଦ୍ରକୂଳେ ମୋର ଦେହ । କରିବ ଘୃତ ଅଗ୍ନି ଦାହ । ୧୧ ।
ତହିଁରୁ ତନମୂର୍ତ୍ତି ଜାତ । ବଉଦ୍ଧ ନାମେ ନାମ ଖ୍ୟାତ । ୧୨ ।
ଏମନ୍ତେ କେତେ ଦିନ ଯିବ । ଏକଇ ଶବର ଦେଖିବ । ୧୩ ।
ଭକ୍ତ ତା ହୃଦେ ହେବୁ ଜାତ । ସେ ବୃକ୍ଷମୂଳେ ହେବ ସ୍ଥିତ ।୧୪ ।
ତହିଁ ଆମ୍ଭଙ୍କୁ ସ୍ଥିତ କରି । ଆନନ୍ଦେ ପୂଜିବ ମୁରାରି । ୧୫
ସେପୁରୀକ୍ଷେତ୍ରେ ନୃପରାଣ । ହୋଇବ ଯେ ଇନ୍ଦ୍ରଦ୍ୟୁମନ । ୧୬ ।
ସେ ରାଜା ପରମାର୍ଥ ହେବ । ଦେଉଳ ଆଦି ନିର୍ମିଣିବ । ୧୭ ।
ବହୁତ ବଢ଼ାଇ ଲଗାଇ । କାର୍ଯ୍ୟ ଶେଷକୁ ନ ପାରଇ । ୧୮ ।
ମୁ ପୁଣି ବଢାଇ ରୂପରେ । ପ୍ରବେଶ ହେବ ଦେଉଳରେ । ୧୯ ।
ସମସ୍ତ କର୍ଯ୍ୟ ସମ୍ଭାଇବ । ସ୍ୱସ୍ଥାନେ ପୂଜା ପାଉଥିବ । ୨୦ ।
ଏକାଳେ ପ୍ରତିଷ୍ଠା ନିମନ୍ତେ । ରାଜା ଯେ ଯିବ ବ୍ରହ୍ମପଦେ । ୨୧ ।
ବ୍ରହ୍ମାଙ୍କୁ ଅଣିଲେ ମର୍ତ୍ତ୍ୟକୁ । ପ୍ରତିଷ୍ଠା ହେବ ଦେଉଳକୁ । ୨୨ ।
ଏ ଅସେ ଯିବ ଇନ୍ଦ୍ରଦ୍ୟୁମ୍ନ । ଏମନ୍ତେ ଯିବ କଛ ଦିନ । ୨୩ ।
ସମୁଦ୍ର ବୋଲି ଯେ ପ୍ରବଳ । ରୂପରେ ପୋତିବ ଦେଉଳ । ୨୪ ।
ସମସ୍ତ ପୋତି ହୋଇ ଯିବ । ଊର୍ଦ୍ଧ୍ୱେ କଛହି ନ ଦିଶିବ । ୨୫ ।
ଯେହୁ ପ୍ରସ୍ତର ହୋଇଥିବେ । କୂର୍ମରୂପେ ଜଳେ ରହିବେ । ୨୬ ।
ଏମନ୍ତେ ଯିବ କଛ ଦିନ । ଶୁଣ ଅର୍ଜୁନ ଦେଇ ମନ । ୨୭ ।

Digitized by PPRACHIN, SOA

ଗାଲ୍‌ମାଧବ ନାମ ବହୁ । ହୋଇବ ତହିଁ ନରସାଇଁ । ୨୮ ।
ଅଣ୍ଠାରେନ୍ଦ୍ରଣେ ଭ୍ରମିବାକୁ । ଯିବ ସେ ସମଦ୍ରକୂଳକୁ ୨୯ ।
ଦେଖିବାରେ ନଳଚକ୍ର ଘୂର୍ଣ୍ଣି । ଅଶ୍ୱ ତା ପଡ୍ଡବ ଲେଉଟି । ୩୦ ।
ତହୁଁ ସେ ରଜା ବାଲି ଖୋଳ । ଦେଖିବ ଚକ୍ର ଅଛନ୍ତି ହେଲ । ୩୧
ତହୁଁ ସେ ସ୍ଥାନ ଖୋଳାଇବ । ଦେଉଳ ନିର୍ମଳ କରବ । ୩୨ ।
ଏମନ୍ତ କାଳେ ଇନ୍ଦ୍ରଦ୍ୟୁମ୍ନ । ବ୍ରହ୍ମାକୁ ଘେନ ସେହି ସ୍ଥାନ । ୩୩ ।
ପ୍ରତିଷ୍ଠା ଆଶେ ପ୍ରବେଶିବ । ବନ୍ଧୁର କନ୍ଦଳ ଲାଗିବ । ୩୪ ।
କମ୍ବନ୍ତ କାକ କୂର୍ମ ସାକ୍ଷୀ । ଦେବେ ସେ ଇନ୍ଦ୍ରଦ୍ୟୁମ୍ନେ ଦେଖି । ୩୫ ।
ତେଣୁ ସେ ପ୍ରତିଷ୍ଠା ହୋଇବ । ସେ ସ୍ଥାନେ ରହିବ ମୁଁ ଧ୍ରୁବ । ୩୬ ।
ଅବର ଶୁଣ ପଣ୍ଡୁସୁତ । କୋଣାର୍କ ଦେଉଳ ଚରିତ । ୩୭ ।
ସେ ସ୍ଥାନେ ହୋଇବ ଏମନ୍ତ । ବାରଶ ବଢ଼ାଇଙ୍କ ସ୍ଥିତ । ୩୮ ।
ସେ ସ୍ଥାନେ ଦେବକୁଣ୍ଡ ହେବ । ସମସ୍ତେ ମିଳ ଖଞ୍ଜିବାବ । ୩୯ ।
କର ଏକଇ ବଢ଼ାଇର । ପୂର୍ବକୁ ନାଶିବେ ପ୍ରାଣର ୪୦ ।
ଦେଉଳୁ ଖସି ପଡ୍ଡିବ । ସେ ସ୍ଥାନ ଅସ୍ଥାନ ହୋଇବ । ୪୧ ।
କ୍ରମେ ସେ ଭାଙ୍ଗି ଜୀର୍ଣ୍ଣ ହେବ । ଦୁର୍ଗ ସେ ସ୍ଥାନେ ସ୍ଥାପି ହେବ । ୪୨ ।
ଲାଙ୍ଗୁଳାନୃସିଂହଙ୍କ କୀର୍ତ୍ତି । ଅର୍କକାର୍ଯ୍ୟରେ ହେବ ସ୍ଥିତି । ୪୩ ।
ଅନଙ୍ଗ ଭୀମଦେବ ମିଳ । ଭୁବନେଶ୍ୱରାଶ୍ରମ ତୋଳ । ୪୪ ।
ଏକାମ୍ରବନେ ହେବ ସ୍ଥିତ । ପୂଜା ପାଇବ ତହିଁ ନିତି । ୪୫ ।
ଯାଜପୁର ବରେଜାମଣ୍ଡଳ । ଜଳରେ ହେବ ପୁଣ୍ୟସ୍ଥଳ । ୪୬ ।
ଏମନ୍ତେ ତୀର୍ଥ ସ୍ଥାନମାନ । ତୋ ଆଗେ କହିଲି ଅର୍ଜୁନ । ୪୭ ।

ଅର୍ଜୁନ ଉବାଚ ।

ପୁଣି ପୁଚ୍ଛଇ ଇନ୍ଦ୍ରସୁତ । ହେ ପ୍ରଭୁ କମଳାର କାନ୍ତ । ୪୮ ।
ଏମନ୍ତେ ଦେଉଳ ନିର୍ମାଣି । ବସିବ ତହୁଁ ଚକ୍ରପାଣି । ୪୯ ।
କେମନ୍ତେ ଭକ୍ତଙ୍କୁ ରଖିବ । ସେ କଥା କହ ହେ ମାଧବ । ୫୦ ।

Digitized by PPRACHIN, SOA

ଶ୍ରୀ ଭଗବାନ୍ ଉବାଚ ।

କହନ୍ତି କମଳାରମଣ । ଶୁଣ ଅର୍ଜୁନ ଦେଇ ମନ । ୫୧ ।
ଅଦ୍ଭୁତ ବେଦାନ୍ତ ପନ୍ଥରୁ । ଶୁଣ କହୁଛି ଆରମ୍ଭରୁ । ୫୨ ।
ବଙ୍ଗଦେଶରେ ଏକ ଭକ୍ତ । ରଘୁ ଅର୍ଜିତ ନାମେ ବ୍ୟକ୍ତ । ୫୩ ।
ତା ପିତା ଧନ ସୌଦାଗର । ଶ୍ୱଶୁର ନାମ ଗଙ୍ଗାଧର । ୫୪ ।
ନାରୀ ତା ଅନ୍ନପୂର୍ଣ୍ଣା ନାମ । ଶୁଣ ହେ ବୀରଙ୍କ ଉତ୍ତମ । ୫୫ ।
ରଘୁଦାସର ପିତା ନାଶ । ହୁଅନ୍ତେ ରଘୁ ଯୋଗୀବେଶ । ୫୬ ।
ଧାରଣ କରି ସବୁ ଏଡ଼ି । ମୋ ପାଦପଦ୍ମେ ଥିବ ପଡ଼ି । ୫୭ ।
ଶ୍ରୀକ୍ଷେତ୍ରେ ଗମନ କରିବ । ନାରୀ ତା ପିତାଘରେ ଥିବ । ୫୮ ।
ତାହାଙ୍କ କରଣ ଗଙ୍ଗାଧର । ଗୃହ ଯେ କଳାବତୀ ପୁର । ୫୯ ।
ରଘୁକୁ ଅଯୋଗ୍ୟ ଦେଖିବ । ମନରେ ବିଚାର କରିବ । ୬୦ ।
ଜାମାତା ମୋର ହେଲା ଯୋଗୀ । ଏ କନ୍ୟା ଅଟେ ହତଭାଗୀ । ୬୧ ।
ରହିବ ତୁଚ୍ଛେ କାଳ ଯାଏ । ବିହା କରିବ ଆନଠାଏଁ । ୬୨ ।
ସେ କଥା ଅନ୍ନପୂର୍ଣ୍ଣା ଶୁଣି । ଭାବିବ ମନେ ଭକ୍ତବାଣୀ । ୬୩ ।
ମୋ ପତି ହୋଇଛନ୍ତି ଯୋଗୀ । ମୁଁ ଅଟେ ମହା ସତ୍ତ୍ୱଭାଗୀ । ୬୪ ।
ଶୁଣିଛି ପିତା ମୁଖେ ମୁହିଁ । ଶ୍ରୀକ୍ଷେତ୍ରେ ଛନ୍ତି ନାଥ ରହି । ୬୫ ।
ସଦାରବନ୍ଦ ହେଉଥିବେ । କେମନ୍ତେ ଯିବି ମୁଁ ସେଠାବେ । ୬୬ ।
ପଳାଇ ଯିବା କାର୍ଯ୍ୟ ନାହିଁ । ଭାଗ୍ୟରେ ଥିଲେ ପାଇବଇଁ । ୬୭ ।
ନୋହିଲେ ପ୍ରାଣେ ନାଶ ହେବ । ସତୀତ୍ୱ କେବେ ନ ଛାଡ଼ିବ । ୬୮ ।
ଏ କାଳେ ପିତା ଗଙ୍ଗାଧର । କରିବ ନତ୍ରେ ବରଘର । ୬୯ ।
ସେ କଥା ଶୁଣି ଅନ୍ନପୂର୍ଣ୍ଣା । ମାନସେ କରିବ ଭାବନା । ୭୦ ।
ପତ୍ର ଖଣ୍ଡିଏ ଲେଖି ତହିଁ । ପ୍ରେଷିବ ରଘୁ ଛନ୍ତି ଯହିଁ । ୭୧ ।
ସେ ପତ୍ର ପଢ଼ି ରଘୁଦାସ । ଦୁଃଖେ ତା ଉଠିବ ସାହସ । ୭୨ ।
ପଡ଼ିଥିବ ସିଂହଦୁଆରେ । କୃପା କରନ୍ତି ତାକୁ ବାରେ । ୭୩ ।
ନେଇଁତାଲେ ଆଜ୍ଞା ଦେବ ମୁହିଁ । ଶ୍ୱଶୁର ଘରେ ନେବେ ବହି । ୭୪ ।

Digitized by PPRACHIN, SOA

ଏମନ୍ତେ ସବ କର୍ମ ହେଇ । କଲ୍ପନା ଭର୍ତ୍ତରେ ରଖଇ । ୧୨୫ ।
ଅନ୍ତେ ମୁଁ ହୁଅଇ ନସ୍ୱାମୀ । ଶୁଣ ହୃ ସୁଭଦ୍ରାର ସ୍ୱାମି । ୧୨୬ ।
ତେଙ୍ଗାବର ଯେ ବୁଜିବର । ବଟ ସେ ହୋଇବ କଳର । ୧୨୭ ।
ଛତଅ ଗ୍ରାମେ ପୂଜା ହେବ । ଶେଷାବତାର ବୋଲାଇବ । ୧୨୮ ।
ଏମନ୍ତେ କଳଯୁଗ ରୀତ । ଶୁଣ କହୁଲ ଭର୍ଗି ପତ । ୧୨୯ ।
ଶୁଣି ଅନନ୍ଦ ଅରଜୁନ । କହଇ ଲକ୍ଷ୍ମୀନାରାୟଣ । ୧୩୦ ।

ଇତ ଶ୍ରୀମତ୍ କଲ୍କିପୁରାଣେ ବେଦାନ୍ତ ବ୍ରହ୍ମଜ୍ଞାନ
କଥନେ ଶ୍ରୀହରି ଅର୍ଜୁନ ସମ୍ବାଦେ କଳ ଇତହାସ
ବର୍ଣ୍ଣନେ ନାମ ନବମୋଽଧ୍ୟାୟ ।

—:o:—

ଦଶମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଶୁଣି ପୁଛଇ ଫାଲଗୁନି । ଶୁଣିମା ହେଉ ଚକ୍ରପାଣି । ୧ ।
କଥାଏ ପଚାରିବ ମୁହିଁ । ଫେଡ଼ କହବ ଭବଗ୍ରାହି । ୨ ।
କଳରେ ଯେତେ ଭକ୍ତ ହେବେ । କାହିଁ ନବାସ ସେ କରିବେ । ୩
ଏ ଲୀଳା କରିବେ ମର୍ତ୍ତ୍ୟର । ଫିଟାଇ କହ ଦାମୋଦର । ୪ ।

ଭଗବାନ ଉବାଚ ।

ହସି କହନ୍ତି ନାରାୟଣ । ଶୁଣ ମୋ ବାଣୀ ଅରଜୁନ । ୫ ।
ମୋ ଭକ୍ତେ ଜନ୍ମିବେ କଳରେ । ରହିବେ ସ୍ଥାନମାନଙ୍କରେ । ୬ ।
ଶିମୁଳିଆ, ଦେଗାଁ, ନେମ୍ପାଲ । ଶ୍ରୀକ୍ଷେତ୍ର, ବରୋଜାମଣ୍ଡଳ । ୭ ।
ନଳତିଗିରି, ବାଲିବୁଦ । କଟକ, ଛତଅ, ପ୍ରସିଦ୍ଧ । ୮ ।
ସାତ ଖୋଲ ଯେ ମହାବଣ । ସାଇବର, ନବାପାଟଣା । ୯ ।
ସିରେଇ, କେମ୍ପେଇ, ଓଳଧ । ଚନ୍ଦେଶ୍ୱର ଯେ ଦାସବୁଦ । ୧୦ ।
ଚନ୍ଦ୍ରୋପୃଲା, ସମ୍ବଲପୁର । ବରିପଲ୍ଲା ଯେ କେନ୍ଦୁଝର । ୧୧ ।
ନରାଜ ଯେ ସୋହାଗଗଡ଼ । ଭୁବଭଦ୍ରା ଅଠରଗଡ଼ । ୧୨ ।

Digitized by PPRACHIN, SOA

କାବେରୀ ସ୍ରଣି ବାଲୁଚରି । ସାଇଲେ ପରଗନା ବେଣି । ୧୩ ।
ଏତେକ ସ୍ଥାନେ ରକ୍ତ ଥାଇ । ମୋ ନାମ ଜପ୍ୟ ଥିବେ ଧ୍ୟାଇ । ୧୪ ।
ଏ ସବୁ ସ୍ଥାନ ଅଟେ ଗଣା । ଖଣ୍ଡଗିରି ଯେ ମହାବଣା । ୧୫ ।
ଖଣ୍ଡଗିରିର କଥା ଶୁଣ । ତୋ ଆଗେ କହୁଛି ଅର୍ଜୁନ । ୧୬ ।
ମଧ୍ୟରେ ଖଣ୍ଡାମୃତ ଥିବ । ପରମ ବ୍ରହ୍ମର୍ଷିଙ୍କ ଠାବ । ୧୭ ।
ବାଦ୍ୟ ଅମୃତ ବଟ ମିଶି । ଥିବ ପଟଳ ପରକାଶି । ୧୮ ।
ଗଣେଶ କାମ ଲମ୍ବା ହର । ହର ଷଟ୍ଚକ୍ର ଅନୁସର । ୧୯ ।
ଚକ୍ର ମହତେ ଦେବ ଦେବୀ । ରହିବେ ଶୁଣ ହେ ବାସବ । ୨୦ ।
ଏ ସବୁ ରହି ଏହି ଗିରି । ହୋଇବେ ବ୍ରହ୍ମ ଅନୁସରି । ୨୧ ।
ଆବର ମହାବଣ କଥା । ଶୁଣ କହୁଛୁ ସାମରଥା । ୨୨ ।
ଜଲୌକା ପବନ ଛାଡି ସେହି । ଯୋଗୀଜନଙ୍କ ଜ୍ଞାନଭୂଇଁ । ୨୩ ।
ତନ୍ମଧ୍ୟେ କୁଣ୍ଡଳୀ ସର୍ପ । ରହିବ ବହି ପରତାପ । ୨୪ ।
ଯିବତ ଶ [illegible] । ହୋଇବେ ତନ ମୂର୍ତ୍ତି ଜାତ । ୨୫ ।
ଊର୍ଦ୍ଧ୍ୱରୁ ବହିବ ଉଜାଣି । ଶଙ୍କର ଶିରେ ପଡେ ପାଣି । ୨୬ ।
ଷଟ୍ଚକ୍ର ସମ ଦେବ ଦେବୀ । ପୂର ରହିବେ ହେ ବାସବ । ୨୭ ।
ଏମନ୍ତ ସ୍ଥାନମାନଙ୍କରେ । ଭକ୍ତ ରହିବେ ଆନନ୍ଦରେ । ୨୮ ।
କେହି ଅଷ୍ଟାଙ୍ଗ ଯୋଗାଭ୍ୟାସି । କେ ଦିଏ ରୋଗ ତାପ ନାଶି । ୨୯ ।
କେହି କରଇ ଉଚ୍ଚାଟନ । କେହୁ କରଇ ଅନ୍ନପୂର୍ଣ୍ଣ । ୩୦ ।
କେ ଅବା ଭେଳକି ଦେଖାଇ । ଶକ୍ତି ପ୍ରକୃତି ଧରେ ଯାଇଁ । ୩୧ ।
କେ ଦେବପୂଜା ଆଦି କରି । ଆନନ୍ଦେ ଗୋବିନ୍ଦ ସୁମରି । ୩୨ ।
କେ ନାମେ ଅନେ କହୁଥିବ । ଭିକ୍ଷା କରଣ ଦିନ ନେବ । ୩୩ ।
ଏହି ପ୍ରକାର କର୍ମ ଫଳେ । ପୂର୍ବଅର୍ଜିତ ଦେବ ବଳେ । ୩୪ ।
ଗୃହସ୍ଥ ଧର୍ମେ ଯେ ରହିବ । ବାଲ୍ୟରେ ଖେଳେ ମତି ଦେବ । ୩୫ ।
ତରୁଣେ ତରୁଣୀରେ ମନ । ବୃଦ୍ଧ ତନ୍ତ୍ରାରେ ହେବ ଲୀନ । ୩୬ ।
ପୁତ୍ର ନାତିକୁ ଦେଖି ଅନ୍ଧ । ଆନର ଧାନ୍ଧି କି ସେ ମନ୍ଦ । ୩୭ ।

Digitized by PPRACHIN, SOA

ମଉନରୂପ ପ୍ରକାଶିବ । ମୋଗଲ ପ୍ରଭୃତ ବହୁବ । ୩୮ ।
ନ ଥିବ କିଛି କାନ୍ତଜ୍ଞାନ । ଶେଷେ ବାନ୍ଧିବ ଜନୁସ୍ଥାଣ । ୩୯ ।
ଏମନ୍ତେ ପୃଥ୍ୱୀ ବୀର୍ଯ୍ୟହୀନ । ଘଟିବ ଅକାଳମରଣ । ୪୦ ।
ଦୁର୍ଭିକ୍ଷ ଭୂମିକମ୍ପ ଆଦି । ହୋଇବ କହିଲି ସମ୍ପାଦି । ୪୧ ।
ତୁ ଯେଣୁ ମୋହର ବିଶ୍ୱାସୀ । ଫେଡ଼ି କହିଲି ଇନ୍ଦ୍ରଶିଷି । ୪୨ ।

ଅର୍ଜ୍ଜୁନ ଉବାଚ ।

ପୁଣି ଅର୍ଜ୍ଜୁନ ପଚାରଇ । ହେ ପ୍ରଭୁ ବ୍ରହ୍ମାଣ୍ଡଗୋସାଇଁ । ୪୩ ।
କଥାଏ ପଡ଼ିଲା ମୋ ମନେ । ତେଣୁ କହିବ ଅବଧାନେ । ୪୪ ।
ଯେ ନାଭ୍ୟ ସାଧଇ ଅଷ୍ଟାଙ୍ଗ । କରଇ ଷଟ୍‌ଚକ୍ର ସଙ୍ଗ । ୪୫ ।
ତେମନ୍ତ ଭକ୍ତ ହୋ ଜୀବନ । ସଂସାର ଏ ଦେହ ସମାନ । ୪୬ ।
ରକ୍ଷିବ କେଉଁ ପରକାରେ । ସେ କଥା ପଚାରଇ ବାରେ । ୪୭ ।
[illegible]ରେ କ୍ଷେତ୍ର ଧାମ ହେବ । ବର୍ଣ୍ଣିଟ ରୂପ ସମ୍ଭାଇବ । ୪୮ ।
କାହିଁ ସେ ରୂପ ଶିର ପାଦ । ସେ କଥା କହ ଆଦିକନ୍ଦ । ୪୯ ।

ଶ୍ରୀ ଭଗବାନ ଉବାଚ ।

ଶୁଣି କହନ୍ତି ହୃଷୀକେଶ । ଶୁଣ ମୋ ବାଣୀ ସୁଭଦ୍ରେଶ । ୫୦ ।
ତୁ ଯେଣୁ ମୋହର ଭକତ । ଫେଡ଼ି କହିବା ଆଦିଅନ୍ତ । ୫୧ ।
ନିରତି ପ୍ରତୀକ୍ଷେ କହୁ । ଜଗମୋହନ ନେତ୍ରେ ରହୁ । ୫୨ ।
ବାଇଣି ପାବଛୁଟି ଦନ୍ତ । ସେଠାରୁ ତ୍ରିଗୁଣ ଝରତ । ୫୩ ।
ସତ୍ୟବାଦୀଟି କଣ୍ଠ ସ୍ଥାନ । ଚକ୍ରତି ଖଣ୍ଡଗିରି ଜାଣ । ୫୪ ।
ଭୁବନେଶ୍ୱର ହୃଦେ ଥାଇ । ନାଭିଟି କଟକ କ୍ରୋଡ଼ାଇ । ୫୫ ।
ଛଉଆ ଅଟେ କାମପୁର । ଜଳୌକା ବକ୍ରଭୁଣ୍ଡି ଘର । ୫୬ ।
ଯାଜପୁରଟି ଅଟେ ପାଦ । କହିଲି ଫେଡ଼ି ସର୍ବ ଭେଦ । ୫୭ ।
ଇଥଁଲା ପିଅଁଳାହି ଯେହୁ । ଖୋରଧା କାଙ୍କି ଦାଣ୍ଡ ସେହୁ । ୫୮ ।
କୋଣାର୍କ ଚନ୍ଦ୍ରଭାଗା ଯେହୁ । କାଉଁରୀ ମଣ୍ଡଳଟି ସେହୁ । ୫୯ ।

Digitized by PPRACHIN, SOA

କନକପୁର ମଣ୍ଡାପଡ଼ା । ଚଳନ୍ତ ଚକ୍ରେ ହେବେ ଚଡ଼ା । ୬୦ ।
ଏମନ୍ତେ ଷଠ୍‌ନକୁ ବଖାନ । କମଳେ ଦେବୀଙ୍କ ଆସନ । ୬୧ ।
ଏମନ୍ତେ ବମ୍ଭ ଶରୀର । ସ୍ଥାପି ମୁଁ ପାଳନ୍ତ ସଂସାର । ୬୨ ।
ଦେଖ ଚୋହରୁ ନଶ ଯେହୁ । ଜପ୍ ବନ୍ଦଦ୍ ଦ୍ୱାରୀ ସେହି । ୬୩ ।
ଛପନକୋଟି ଜୀବ ସରେ । ରକ୍ଷିବ ନେଇ ଏ ସୂତ୍ରରେ । ୬୪ ।
ଯେ ପ୍ରାଣୀ ଯେ କର୍ମ କରବ । ତାହାର ଫଳ ଦେବ ଧ୍ରୁବ । ୬୫ ।
ଯେଁ ପୁଣ୍ୟକର୍ମମନ କରେ । ସେ ମୋକ୍ଷ ଲଭଇ ଅନ୍ତରେ । ୬୬ ।
ଯେ ପାପ କରୁଥାଏ ନଢ । ତାହାର କରେଁ ଅଧୋଗତ । ୬୭ ।
କେ ଅବା କୁଷ୍ଠବସ୍ଥା ରୋଗି । ଚରଦିନକୁ ହୁଏ ଭୋଗୀ । ୬୮ ।
ବନ୍ଧିବ ଆଣ୍ଠୁ ଗଣ୍ଠି ଗୋଡ଼ । ଜ୍ଞାନକୁ ହୋଇବ ଉହାଡ଼ । ୬୯ ।
ସମସ୍ତ ବମଲ କର୍ମିବ । ଚିନ୍ତାଲ ଅସ୍ଥିର କରବ । ୭୦ ।
ଆଶାଦେବୀର ଗରଜନୀ । ନ ଯିବି ଦୁଃଖେ ରାତ୍ର ଦିନ । ୭୧ ।
କିଂର୍ମ କଷଣ ଦେଖିଭ ଦିନ । ଅବଶ୍ୟ ଭୁଞ୍ଜିଇ ଯେ ଜନ । ୭୨ ।
ଶେଷରେ ହୁଅଇ ବନାଶ । ବାନ୍ଧି ନିଅଇ ଜନ୍ମଦଶ । ୭୩ ।
ଏମନ୍ତେ ଜନମ ମରଣ । ପୁଣି ମାତାଗର୍ଭେ ଶୟନ । ୭୪ ।
ନାନାଦି ସହି ସୂକ୍ଷ୍ମା କ୍ଳେଶ । ମୋ ନାମ ନ ଧରବେ ଲେଶ । ୭୫ ।
ଯେ ଜନ ମୋତେ ଭଜୁଥାଇ । ରାତ୍ର ଦିବସ ଗୀତ ଗାଇ । ୭୬ ।
ସହସ୍ର ଘଟେ ଏକସୂର୍ଯ୍ୟ । ଜାଣି କରଇ ନତି କାର୍ଯ୍ୟ । ୭୭ ।
ତାଙ୍କୁ ମୁଁ ହୃଦରେ ସମ୍ଭାଏଁ । ତାହାର ସ୍ନେହପୁଣ ହୁଏଁ । ୭୮ ।
ଏମନ୍ତେ କଳିଯୁଗ ରୀତ । କ୍ରମଶ ଚଳବ ଅନୀତି । ୭୯ ।
ସ୍ତ୍ରୀମାନେ ଧାର୍ଯ୍ୟ ହେବ ନର । ସ୍ୱଜାତି ବହି ହିଂସାଗୁର । ୮୦ ।
ନାନାଦି ଉପାୟ କହିବେ । ଭୁଲାଇ ପାପେ ପକାଇବେ । ୮୧ ।
ଲୁଣ୍ଠିବେ ହେଲେ ଆନ ଧନ । ଅପଥେ ଯିବେ ହୃଷ୍ଟମନ । ୮୨ ।
ପଥ ଅପଥ ହୋଇଥିବ । କାହାକୁ କେହି ନ ମାନବ । ୮୩ ।
କହିବେ କଥା ଉଚ୍ଚ ଛଚ । କର୍ମ କରବେ ଅତି ନୀଚ । ୮୪ ।

Digitized by PPRACHIN, SOA

ତେଣୁ ହୋଇବ ଆୟୁ କ୍ଷୟ । କହିଲି ଯେତେ ଧନଞ୍ଜୟ । ୮୫ ।
ଏ ଅନ୍ତେ ଭବିଷ୍ୟତ ବାଣୀ । ଆନନ୍ଦ ହେଲା ପାର୍ଥ ଶୁଣି । ୮୬ ।

ଅର୍ଜ୍ଜୁନ ଉବାଚ ।

ବୋଲଇ ପୁଣି କୁନ୍ତିସୁତ । ଶୁଣ ହେ ପ୍ରଭୁ ଜଗନ୍ନାଥ । ୮୭ ।
ସଂସାର ଚଳାଚଳ ଆଦି । ଯେତେ କହିଲ ସବୁ ବିଧି । ୮୮ ।
କେମନ୍ତେ ପ୍ରଳୟ ହୁଅଇ । ସେ କଥା କହ ଭାବଗ୍ରାହି । ୮୯ ।
ଶୁଣି ମୁଁ ହୋଇବ ମୁକତ । ନମସ୍ତେ କମଳାର କାନ୍ତ । ୯୦ ।

ଭଗବାନ ଉବାଚ ।

ହସି କହନ୍ତି ଚକ୍ରଧର । ଶୁଣ ଅର୍ଜ୍ଜୁନ ବୀରବର । ୯୧ ।
ପ୍ରଥମେ ଓଳବଶିମନ । ଦ୍ୱିତୀୟେ ନୈଳବ ପବନ । ୯୨ ।
ତୃତୀୟେ ବିନ୍ଦୁ ଓଳ ଜିବ । ଚତୁର୍ଥେ କାର୍ଯ୍ୟୃଶି ନୈଳବ । ୯୩ ।
ପଞ୍ଚମେ ବିନ୍ଦୁ ଯେ ପ୍ରଳୟ । ସର୍ବେନ୍ଦ୍ରିୟ ତହୁଁ ପ୍ରଳୟ । ୯୪ ।
ଛନ୍ଦନେ ନାଦ ଯେ ପ୍ରଳୟ । ଧୂମ୍ର ବର୍ଣ୍ଣ ବାୟୁ ପ୍ରଳୟ । ୯୫ ।
ତହୁଁ ସପ୍ତ ପଦ୍ମ ପ୍ରଳୟ । ଜୀବାତ୍ମ ହୁଅଇ ପ୍ରଳୟ । ୯୬ ।
ଅନନ୍ତ ଆତ୍ମ ଯେ ପ୍ରଳୟେ । ଦଶଦ୍ୱାରଟି ରୁଦ୍ଧ ରହେ । ୯୭ ।
ନାଡ଼ି ଆଦି ଯେ ନ ଚଳଇ । ଏମନ୍ତେ ପ୍ରଳୟ ହୁଅଇ । ୯୮ ।
ପରମ ଆତ୍ମ, ନିରଞ୍ଜନ । ଓଁକାର ଧ୍ୱନି ନାଦ ଯେନ । ୯୯ ।
ରବି ଶଶି ଯେ ଅଗ୍ନି ଜ୍ୟୋତି । ଏ ସର୍ବେ ପ୍ରଳୟ ହୁଅନ୍ତି । ୧୦୦ ।
ହୁଅଇ ଚୈତନ୍ୟ ପ୍ରଳୟ । ଅନାଦି ଘରେ ଉଠେ କୋହ । ୧୦୧ ।
ପରମ ଦେବ ନିରଞ୍ଜନ । ସହସ୍ର ଦଳ ପଦ୍ମ ସ୍ଥାଣ । ୧୦୨ ।
ଅଣାକାର ଅରୂପାନନ୍ଦ । ଅଛେଦ୍ୟ ଯେ ସଚ୍ଚିଦାନନ୍ଦ । ୧୦୩ ।
ଏ ସର୍ବ ପ୍ରଳୟ ହୁଅନ୍ତି । ମୂର୍ଦ୍ଧନୀ ପ୍ରଳୟ ବୋଲନ୍ତି । ୧୦୪ ।
ସମସ୍ତ ପ୍ରଳୟ ହୋଇଲେ । ଜୀବଟି ଛାଡ଼ିଯିବ ଭଲେ । ୧୦୫ ।
ଏମନ୍ତେ କଳର ବିଧାନ । ସମସ୍ତ କହିଲି ଅର୍ଜ୍ଜୁନ । ୧୦୬ ।
ଏ କଳିଯୁଗେ ଗଙ୍ଗାକୂଳେ । ସମ୍ବଳଗାଁ ଶାସନ ସ୍ଥଳେ । ୧୦୭ ।

Digitized by PPRACHIN, SOA

ଘଟରେ । ଜନ୍ମିବ କଳ୍କିଅବତାରେ । ୧୦୮ ।
ଦୟା ଶିକ୍ଷି । ନଜର କୁଳଧର୍ମ ରକ୍ଷି । ୧୦୯ ।
ସନ୍ଧ୍ୟରେ । ଦେବଦନ୍ତ ଖଡ୍ଗକୁ କରେ । ୧୧୦ ।
... ମରୁଦେବାପି ସଙ୍ଗେ । ଶ୍ୱେତଅଶ୍ୱରେ ଚଢ଼ି ରଙ୍ଗେ ।୧୧୧ ।
ଦେଖ ଉଚ୍ଚାଟନେ ବାହାର । ସ୍ୱହସ୍ତେ ମ୍ଳେଚ୍ଛ ନାଶ କର । ୧୧୨
ଉଷ୍ଣାସିବଇଂ ମହୀଭାର । କହନ୍ତି ପାର୍ଥ ହୋ ଆଗର । ୧୧୩ ।
ଶୁଣି ଅର୍ଜୁନ ତୋଷ ହେଲା । ଶ୍ରୀହରି ଚରଣେ ପଡ଼ିଲା । ୧୧୪ ।
ଉଠି ଆନନ୍ଦ ଅରଜୁନ । ପୂର୍ଣ୍ଣିମିଚନ୍ଦ୍ର ତା ବଦନ । ୧୧୫ ।
ଏମନ୍ତେ ଶ୍ରୀହରି ଅର୍ଜୁନ । ମନ୍ଦିରେ କଲେକ ଗମନ । ୧୧୬ ।
ମତେଣୀହ୍ନ ଶୀଳେ ବଳେ କର । ଆନନ୍ଦେ ପନ୍ଥୁଭଲେ ହରି । ୧୧୭ ।
ହରି ଅର୍ଜୁନ ଯାଦେ ମନ । ଦୁଃଖ ହରନ୍ତୁ ନା... । ୧୧୮ ।
ମୁଁ ଅଟେ ଅଧମ ପାମର । ... ୧୧୯
ଶ୍ରୀହରି ପା... ମନ । ରଚିଲି ଏ କଳ୍କିପୁରାଣ । ୧୨୦ ।
ଶୋଭା ... ସ୍ୱର୍ଗେ ବାସ । ନ ଥାଇ ନାନା ତାପ କ୍ଳେଶ ।୧୨୧।
ଏଣୁ ... ଭକ୍ତ ହୃଦେ । ନବ ଅକ୍ଷର ଭାଗବତେ । ୧୨୨ ।
ସୁଜନେ ଦୋଷ ନ ଧରିବ । ଅଶୁଦ୍ଧ ପୂରାଇ ଗାଇବ । ୧୨୩ ।
ସହସ୍ର ପଞ୍ଚ... ପଦ୍ୟରେ । ଲେଖିଲି ଦଶ ଅଧ୍ୟାୟରେ । ୧୨୪ ।
... ମୂର୍ଖ ... ଭାଣିଇ ଛନ୍ଦ କଣ୍ଠକଲରେ ପଢ଼ୁଅଛୁ । ୧୨୫ ।
ନର୍ଣ୍ଣ ... ତେଲିଙ୍ଗସ । ପିତା ଯେ ବଳରାମ ଦାସ । ୧୨୬ ।
ତା... ଅଟେ ମୁ ନନ୍ଦନ । ନାମ ଶ୍ରୀ ଲକ୍ଷ୍ମୀନାରାୟଣ । ୧୨୭ ।

... ଶ୍ରୀମଦ୍‌କଳ୍କିପୁରାଣେ ବେଦାନ୍ତ ବ୍ରହ୍ମଜ୍ଞାନ କଥନେ ଶ୍ରୀହରି-
ଅର୍ଜୁନ ସମ୍ବାଦେ ଉତ୍ପତ୍ତି ଓ ପ୍ରଳୟାଦି ବର୍ଣ୍ଣନେ
ନାମ ଦଶମୋଽଧ୍ୟାୟ ।

ସମ୍ପୂର୍ଣ୍ଣ ।

——:o::o:——

Digitized by PPRACHIN, SOA